# ପ୍ରଥମଥର ମତଦାନ ପାଇଁ ଉତ୍ସାହିତ ଯୁବ ଭୋଟର

ବାଲେଶ୍ୱର, ୨୦।୫(ସମିସ)

ବାଲେଶ୍ୱରରେ ଚଳିତ ସାଧାରଣ ନିର୍ବାଚନକୁ ହାତରେ ଆଉ ମାତ୍ର ୧୦ ଦିନ ସମୟ ବାକି ଅଛି। ନିର୍ବାଚନକୁ ନେଇ ସହରରେ ବିଜେଡି, ବିଜେପି, କଂଗ୍ରେସ ସମେତ ଅନ୍ୟ ଦଳମାନେ ମଧ୍ୟ ଘର ଘର ବୁଲି ପ୍ରଚାର କରିବା ଆରମ୍ଭ କରିଦେଲେଣି। ଏହା ଛଡା ପ୍ରଚାର ଗାଡି ମାଧ୍ୟମରେ ବୁଲି ବୁଲି ଏବଂ ବିଭିନ୍ନ ସ୍ଥାନ ମାନଙ୍କରେ ପୋଷ୍ଟର ଲଗାଇ ବାଲେଶ୍ୱରରେ ଜୋର ସୋରରେ ପ୍ରଚାର ଜୋର ଧରିଲାଣି। ଏ ନେଇ ଭୋଟରମାନଙ୍କ ମଧ୍ୟରେ ନିର୍ବାଚନକୁ ନେଇ ବେଶ ଆଗ୍ରହ ବଢ଼ୁଥିବାର ଦେଖାଦେଉଛି। କେବଳ ବୟସ୍କ କିମ୍ବା ବୃଦ୍ଧ ମାନଙ୍କ ମଧ୍ୟରେ ଚାହା ଖଟିରେ ନିର୍ବାଚନ ଚର୍ଚ୍ଚାର ବିଷୟ ନୁହଁ ବରଂ ପ୍ରଥମଥର ନିର୍ବାଚନର ମହାପର୍ବରେ ସାମିଲ ହେଉଥିବା ଯୁବପିଢ଼ି ମାନଙ୍କ ପାଇଁ ମଧ୍ୟ ନିର୍ବାଚନ ଏବଂ ପ୍ରାର୍ଥୀ ଚୟନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥର ଜୁନ ୧ ତାରିଖ ରେ ହେବାକୁ ଥିବା ସପ୍ତମ ପର୍ଯ୍ୟାୟ ବା ଶେଷ ପର୍ଯ୍ୟାୟରେ ନିର୍ବାଚନ ପାଇଁ ବେଶ ଆଗ୍ରହୀ ଅଛନ୍ତି ନୂଆ ଭୋଟର। ଯେଉଁ ମାନେ ଏହି ଥର ନୂଆ କରି ନିର୍ବାଚନ ର ମହାପର୍ବ ରେ ଅଂଶ ଗ୍ରହଣ କରି ସରକାର ଗଠନରେ ଅଂଶ ଗ୍ରହଣ କରୁଛନ୍ତି। ଏପଟେ ଅନେକ ଯୁବପୀଢ଼ି ଚଳିତ ବର୍ଷ ନିର୍ବାଚନ ପାଇଁ ଅଧିକ ଆଗ୍ରହୀ ଥିବା ଅପେକ୍ଷା ପ୍ରଥମ ଥର ପାଇଁ ଭୋଟ ଦେଉଥିବାରୁ କିପରି ସଠିକ ସରକାର ଚୟନ କରିବେ ସେଥିପାଇଁ ଉତ୍ସାହିତ ଅଛନ୍ତି।

## ମତାମତ



ପ୍ରଥମଥର ପାଇଁ ମୁଁ ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରିଥିବାରୁ ମୁଁ ବହୁତ ଆଗ୍ରହୀ ଅଛି। ପ୍ରଥମଥର ପାଇଁ ଭୋଟ ଦେଇ ମୁଁ ସରକାର ଗଠନରେ ହାତ ଦେବାକୁ ଯାଉଛି। ନିର୍ବାଚନର ପର୍ବ ରେ ଉତ୍ତମ ପ୍ରାର୍ଥ ସହିତ ଉତ୍ତମ ଦଳର ଚୟନ କରିବା ନିହାତି ଆବଶ୍ୟକ। ମୋର ମତାମତ ଯେଉଁ ଦଳ ପୂର୍ବରୁ ବିକାଶର ହାତ ବଢ଼ାଇ ଆସିଛି ଏବଂ ଆଗକୁ ମଧ୍ୟ ବିକାଶ କରିବା ପାଇଁ ପ୍ରତିଶୃତି ବଦ୍ଧ ରହୁଛି। ଏଥିସହ ମହିଳା ମାନଙ୍କର ତୃଣମୂଳ ସ୍ତରରୁ ଉନ୍ନତି କରୁଛି ସର୍ବଦା ସେହି ଦଳ ଏବଂ ସେହି ପ୍ରାର୍ଥୀଙ୍କୁ ଭୋଟ ଦେବା ଆବଶ୍ୟକ।

-ସ୍ୱାଗତିକା ଜେନା



- ଚଳିତ ସାଧାରଣ ନିର୍ବାଚନରେ ମୋର ମତଦାନ ପ୍ରଥମ ଥିବାରୁ ମୁଁ ମୋ ଅଞ୍ଚଳ ପାଇଁ ଉପଯୁକ୍ତ ପ୍ରାର୍ଥ ବାଛିବା ପାଇଁ ବହୁତ ଆଗ୍ରହୀ ଅଛି। କିନ୍ତୁ ଏହି ନିର୍ବାଚନ ରେ ମୁଁ ମୋର ମୂଲ୍ୟବାନ ଭୋଟ ସେହି ଦଳକୁ ଦେବି ଯିଏ ରାଜ୍ୟ ଓ ମୋ ଅଞ୍ଚଳ ପାଇଁ ଏବଂ ବିକାଶ କରିଛି ଏବଂ ବିକାଶ କରିବ।

-ଶୁଭରଶ୍ମି ରାଉତ



ନିର୍ବାଚନ ହେଉଛି ଦେଶର ମହାସମାରୋହ। ପ୍ରଥମ ଥର ପାଇଁ ଏହି ମହାସମାରୋହରେ ସାମିଲ ହୋଇ ଦେଶ ଗଠନରେ ହାତ ଦେବାକୁ ଯାଉଛି। ପୂର୍ବରୁ କେବେ ଭୋଟ ଦେବା ରେ ଅଂଶ ଗ୍ରହଣ କରି ନଥିବାରୁ ମୁଁ ବହୁତ ଆଗ୍ରହୀ ଚଳିତ ସାଧାରଣ ନିର୍ବାଚନ ପାଇଁ। ମୁଁ ମୋ ରାଜ୍ୟ ପାଇଁ ଶାସକ ବାଛିବାକୁ ଯାଉଛି। ମୋ ଅଞ୍ଚଳ ପାଇଁ ବିକାଶର ହାତ ବଢ଼ାଇ ଥିବା ବୃଦ୍ଧ ମାନଙ୍କୁ ଏବଂ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇଥିବା ଦଳକୁ ଭୋଟ ଦେଇ ମୋ ରାଜ୍ୟ ଏବଂ ଦେଶର ମେରୁଦଣ୍ଡ ମଜବୁତ କରିବାକୁ ଚାହୁଁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବି।

-ନବନୀତା ରାଉତ



- ଜଣେ ଛାତ୍ରୀ ହିସାବରେ ମୁଁ ପ୍ରଥମଥର ପାଇଁ ନିର୍ବାଚନରେ ମୁଁ ମୋ ନିଜସ୍ୱ ମତାମତ ଦେବାକୁ ଯାଉଥିବାରୁ ମୁଁ ବହୁତ ଉତ୍ସାହିତ ଅଛି। ମୋ ମତରେ ଭୋଟ ଦେବ ପାଇଁ ସର୍ବଦା ସେହି ଦଳକୁ ଚୟନ କରିବା ଉଚିତି ଯିଏ ସର୍ବଦା ଓଡ଼ିଶାର ବିକାଶ କରିଛି। ରାଜ୍ୟରେ ଶିକ୍ଷାର ବିକାଶକୁ ବୃଦ୍ଧି କରିବା ରେ ସହାୟକ ହେଉଛନ୍ତି। ମୁଁ ଜଣେ ଛାତ୍ରୀ ହୋଇଥିବାରୁ ମୋର ମତାମତ ସେହି ଦଳ ପ୍ରତି ରହିବ ଯେଉଁ ଦଳ ଛାତ୍ରଛାତ୍ରୀଙ୍କ ଉପଯୁକ୍ତ ବିକାଶରେ ସହାୟକ ହୋଇଛନ୍ତି।

-ସୁମିତ୍ରା ବିଶ୍ୱାଳ



ମୁଁ ପ୍ରଥମଥର ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଯାଉଛି। ଏହି ମତ ଦାନ ମୋର ପ୍ରଥମ ହୋଇଥିବାରୁ ମୁଁ ବହୁତ ଆଗ୍ରହୀ ଅଛି। ମୋ ମତ ରେ ନିଜର ମୂଳବାନ ଭୋଟ ସେହି ଦଳ କିମ୍ବା ସେହି ପ୍ରାଥୀକୁ ଦେବା ଉଚିତି ଯିଏ ଗରିବ ମାନଙ୍କ ବିକାଶ ରେ ସର୍ବଦା ସହାୟକ ହେଉଛନ୍ତି ଏବଂ ଆଗକୁ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସହାୟକ ହେବ।

- ଅନିତା ବରଦା



ନିର୍ବାଚନର ମହାପର୍ବରେ ପ୍ରଥମ ଥର ପାଇଁ ଗୋଟିଏ ଛାତ୍ରୀ ହିସାବ ମତଦାନ କରିବାକୁ ଯାଉଥିବାରୁ ମୁଁ ବହୁତ ଦ୍ୱିଧାରେ ଅଛି କି ମୁଁ ଜଣେ ଛାତ୍ରୀ ହିସାବ କେଉଁ ଦଳ କୁ ଭୋଟ ଦେଲେ ଓଡ଼ିଶାରେ ଶିକ୍ଷାରେ ଅଧିକ ବିକାଶ କରିପାରିବ। ମୁଁ ମୋର ଭୋଟ ପାଇଁ ସେହି ଦଳକୁ ଚୟନ କରିବି ଯିଏ ଓଡ଼ିଶାରେ ଶିକ୍ଷା ରେ ଅଧିକ ଉନ୍ନତି ଆଣିବ।

-ଶୁଭଲକ୍ଷ୍ମୀ ବିଶ୍ୱାଳ

# କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବାଲିଆପାଳ, ୨୦।୫(ସମିସ): ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡିର ଷ୍ଟାର ପ୍ରଚାରକ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ।

ପୂର୍ବତନ ସମିତି ସଦସ୍ୟ ପ୍ରଭାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଇଂ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

ଏହି କର୍ମୀ ସମ୍ମିଳନୀରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ବରିଷ୍ଠ ନେତା ଭଗୀରଥ ଗିରି, ଯୁବନେତା ଲକ୍ଷ୍ମୀଧର ସେଠୀ, ପ୍ରଫୁଲ୍ଲ ପାତ୍ର, ଆଡଭୋକେଟ୍ ମାନସ ମହାପାତ୍ର, କ୍ରୀଷ୍ଣା ଦାସ, ଛାତ୍ରନେତା ଚନ୍ଦନ ଜେନା, ସନ୍ତୋଷ ଦାସ, ଅଶୋକ ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଏବଂ ଶତାଧିକ ପୁରୁଷ ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ।

# ବାଲି ବୋଝେଇ ଡମ୍ଫର ଜବତ, ଚାଳକ ଗିରଫ



ନୀଳଗିରି, ୨୦।୫ (ସମିସ): ନୀଳଗିରି ବ୍ଲକ ଅନ୍ତର୍ଗତ ବରହମପୁର ଥାନା ଅଧିନ କଳାକାଦ ଛକଠାରେ ଏକ ବାଲି ବୋଝେଇ ଡମ୍ଫର ସମେତ ଗାଡି ଚାଳକକୁ ବରହମପୁର ପୁଲିସ ଗିରଫ କରିଛି। ସକାଳ ୯.୩୦ରେ ନୀଳଗିରି -ଝରଣଘାଟି ରାସ୍ତାର ଗରଡିହି, କଳାକାଦ ଛକ ଦେଇ ବାଲି ବୋଝେଇ ଡମ୍ଫର ବିନା ପରମିଟରେ ବାଲି ଚୋରାଚାଲଣ ସମୟରେ ବରହମପୁର ଥାନା ଏ.ଏସ୍.ଆଇ ସସ୍ମିତା ପାଣିଗ୍ରାହୀଙ୍କ ନଜରକୁ ଆସିଥିଲା। ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଗାଡି ସମେତ ଚାଳକକୁ ଗିରଫ କରିଥିଲେ। ଗାଡିଟିର ମାଲିକ ରେମୁଣା ଥାନା ଅନ୍ତର୍ଗତ କାଠସିଙ୍ଗଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ନେଇ ବରହମପୁର ଥାନା ପକ୍ଷରୁ ୮୬/୨୪ରେ ଏକ ମାମଲା ରୁଜୁ କରାଯାଇ ଗାଡି ଚାଳକଙ୍କୁ କୋର୍ଟ ଚାଲଣ କରାଯାଇଛି। ପ୍ରତିଦିନ ବହୁ ଚୋରାଚାଲାଣ ଗାଡି କିପରି ବିନା ପରମିଟ ରେ ବାଲି ଚୋରା ଚାଲଣ କରୁଛନ୍ତି ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭଙ୍ଗାଘରେ ବିତୁଛି ଦମ୍ପତି ଓ ବୃଦ୍ଧା ମା'ଙ୍କ ଜୀବନ



ଚନ୍ଦନେଶ୍ୱର, ୨୦।୫(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ପଞ୍ଚାୟତ ବିରଜା ଗାଁର ବରେନ୍ଦ୍ର ଦତ୍ତ, ସ୍ତ୍ରୀ ଜାନକୀ ଦତ୍ତ ଓ ବୃଦ୍ଧା ମାଆଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ନ ଥିବାରୁ ଭଙ୍ଗା ଘରେ ସେମାନେ ଦିନ କାଟୁଛନ୍ତି। ପରିଣତ ବୟସରେ ବୃଦ୍ଧା ମାଆ ଓ ପୁଅ-ବୋହୂ ପକ୍କା ଘର ପାଇବା ଯେମିତି ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ବୃଦ୍ଧା ଦୁର୍ଗାମଣି ଦତ୍ତ(୭୦)ଙ୍କ ସ୍ୱାମୀ ଯୋଗେନ୍ଦ୍ର ଦତ୍ତ ନିଜ ରୋଗାକ୍ରାନ୍ତ ସମୟରେ ଜମି ବିକ୍ରି କରି ଛୋଟ ପକ୍କା ଘରଟିଏ ତିଆରି କରିଥିଲେ। ହେଲେ ତାହା ଗତ ୫ ବର୍ଷ ତଳେ ଝଡ଼ତୋଫାନରେ ଭାଙ୍ଗି ଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ପରିଣତ ବୟସରେ ଘର ନିର୍ମାଣ ଓ ମରାମତି ପାଇଁ ବୃଦ୍ଧା ଦୁର୍ଗାମଣିଙ୍କ ପାଖରେ ସମ୍ବଳ ନ ଥିବାରୁ ଶେଷରେ ବୃଦ୍ଧାଙ୍କ ପୁଅ ବରେନ୍ଦ୍ର, ବୋହୂ ଜାନକୀ ଜରି ପାଲ ଓ ଝାଟିମାଟିରେ ଘର କରି ରହୁଛନ୍ତି। ଉଭୟଙ୍କ ନିଜସ୍ୱ କିଛି ରୋଜଗାର ନାହିଁ। ମୂଲ ଲାଗିଲେ ଖାଆନ୍ତି ନ ହେଲେ ଭୋକ ଉପାସରେ ପଡ଼ି ରହିଥାନ୍ତି ସ୍ୱାମୀ ସ୍ତ୍ରୀ ଓ ବୃଦ୍ଧା ମାଆ। ସରକାରୀ ଯୋଜନା କହିଲେ ବୃଦ୍ଧା ମାଆଙ୍କୁ କେବଳ ୫୦୦ ସହ ଟଙ୍କା ଭତ୍ତାକୁ ୫ କେଜି ଲେଖାଏଁ ଚାଉଳ ହିଁ ସାହାରା।

# ନୀଳଗିରିରେ ବିଜେପି କର୍ମୀ ବୈଠକ



ନୀଳଗିରି, ୨୦।୫(ସମିସ): ନୀଳଗିରିର ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ଜଡ଼ିବାଲିସ୍ଥିତ ଫାର୍ମ ହାଉସରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଜେପି ପ୍ରାର୍ଥୀ ଶ୍ରୀ ଖଟୁଆଙ୍କ ଉପସ୍ଥିତିରେ ଭଉଁରିଆବାଡ଼ ପଞ୍ଚାୟତର ମହିଳା କର୍ମୀ, କଂଶ ପଞ୍ଚାୟତ ୮ନମ୍ବର ୱାଡ଼ରୁ ଲମ୍ବୋଦର ଖମାରୀ, ଦେବାଶିଷ ମହାଲିକ, ତୋଫାନ ଖମାରୀ, ବାବୁ ଖମାରୀ, ଧର୍ମେନ୍ଦ୍ର ଖମାରୀ, ରଞ୍ଜିତ ଦଳେଇ, ବିନୋଦ ଖମାରୀ, ବେଣୁଧର ବେହେରା, ଜାମୁଡିହା ପଞ୍ଚାୟତରୁ ଦୁଲ୍ଲା ସିଂ, ବାବୁଲି ସିଂ, ଜଟିଆ ସିଂ, ଟିକ ସିଂ, ମିନତି ସିଂ, ନମିତା ସିଂ, ଲକ୍ଷ୍ମୀ ସିଂ, ରମଣୀ ସିଂ, ସୁନି ସିଂ, ବସନ୍ତ ସିଂ, ଚନ୍ଦ୍ରମଣି ସିଂ, ରଇବାରୀ ସିଂ, କୁନି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇଟି ୱାର୍ଡରେ ବିଦ୍ୟାସ୍ମିତାଙ୍କ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ





ବାଲେଶ୍ୱର, ୨୦।୫(ସମିସ): ଜୁନ ପହିଲାରେ ରେମୁଣା ବାସୀ ଭୋଟ ଦେଇ ନିଜର ଅଧିକାରକୁ ଜାହିର କରିବା ପାଇଁ ପାଗ ଭିଡ଼ିଲେଣି। ଏହି ପରିପ୍ରେକ୍ଷୀରେ ବିଜେଡି ସୁପ୍ରିମୋ ଏଥର ବିଦ୍ୟାସ୍ମିତା ମହାଲିକଙ୍କୁ ଟିକଟ ଦେଇ ରେମୁଣାରେ ମହିଳା କାର୍ଡ ଖେଳିଛନ୍ତି। ବିଦ୍ୟାସ୍ମିତା ରାଜନୀତିରେ ନୂଆ ଚେହେରା ହୋଇ ନ ଥିଲେ ମଧ୍ୟ ବିଧାୟକ ପ୍ରାର୍ଥୀ ହେବା ପରେ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଚଳାଇଛନ୍ତି। ଆଜି ରେମୁଣା ଏନଏସିର ଅଭିଜ୍ଞ କାଉନସିଲର ଲକ୍ଷ୍ମୀକାନ୍ତ ଦାସଙ୍କ ନେତୃତ୍ୱରେ ବିଜେଡି ପ୍ରାର୍ଥୀ ବିଦ୍ୟାସ୍ମିତା ପାଞ୍ଚ ଓ ଛ 'ନମ୍ବର ୱାର୍ଡରେ ଘରଘର ବୁଲି ଭୋଟର ମାନଙ୍କର ଆଶୀର୍ବାଦ ଲୋଡ଼ିଥିଲେ। ନବୀନ ପଟ୍ଟନାୟକ ଏଥର ଜଣେ ମହିଳା ନେତ୍ରୀଙ୍କୁ ପ୍ରାର୍ଥୀ କରିଥିବାରୁ ରେମୁଣା ନିର୍ବାଚନ ମଣ୍ଡଳୀର ମତଦାତା ମାନେ ମଧ୍ୟ ଖୁସ ଅଛନ୍ତି। ବିଜେଡି ପ୍ରାର୍ଥିନୀ ମହାଲିକ ଗାଁ ମନ୍ଦିର ରେ ପୂଜା କରି ୱାର୍ଡ ପରିକ୍ରମା କରିଥିଲେ।

ଆଜି ଘରେ ଘରେ ପ୍ରଚାରବେଳେ ସ୍ଥାନୀୟ ନେତା ତଥା କାଉନସିଲର ଲକ୍ଷ୍ମୀକାନ୍ତ ଦାସ କହିଥିଲେ କି ତିନୋଟି ୱାର୍ଡରେ ବିଜେଡି କର୍ମୀମାନେ ଶଙ୍ଖ ସପକ୍ଷରେ ନିରନ୍ତର ପ୍ରଚାର କରୁଛନ୍ତି। ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବିଦ୍ୟାସ୍ମିତା ଓ ଡ଼. ଲେଖାଶ୍ରୀଙ୍କୁ ଦଳ ରୁ ପ୍ରାର୍ଥୀ କରିଥବାରୁ ଆମେ ଉଭୟଙ୍କୁ ଜିତାଇବାକୁ ନିଷ୍ଠାର ସହ କାମ କରୁଛୁ। ବିରୋଧୀ ମାନେ ହତାଶ ହୋଇ ଏବେ ଆମ ପ୍ରାର୍ଥୀ ମାନଙ୍କ ପୋଷ୍ଟର ବ୍ୟାନର ରାତି ଅଧରେ ଚିରୁଛନ୍ତି। ଏଭଳି କାର୍ଯ୍ୟକୁ ଆମେ ନିନ୍ଦା କରୁଛୁ। ହେଲେ ସେମାନଙ୍କର ପୋଷ୍ଟର ଚିରିବୁ ନାହିଁ। ଆମେ କିଭଳି ପ୍ରାର୍ଥୀ ମାନଙ୍କୁ ଜିତାଇବୁ, ତାହା ଉପରେ ଧ୍ୟାନ ଦେଉଛୁ ବୋଲି କହିଛନ୍ତି। ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି କହିଥିଲେ କି ଦଳ ସଭାପତି ରେମୁଣାରେ ମହିଳା ପ୍ରାର୍ଥୀ ଓ ଲୋକସଭା ଆସନରେ ମହିଳା ପ୍ରାର୍ଥୀ ଦେଇ ମହିଳାଙ୍କ ସମ୍ମାନ ବୃଦ୍ଧି କରିଥିବାରୁ ରେମୁଣାର ମହିଳା ମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରୁଛନ୍ତି ବୋଲି ଗିରି କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଏନଏସି ସଭାପତି ରାମ ନାରାୟଣ ବେହେରା, କାଉନସିଲର ପ୍ରମିଳା ଦାସ, ବିଦ୍ୟୁତଲତା ସାହୁ, ଲୋକନାଥ ରଣା, ପ୍ୟାରା ଖାନ, ରାଜୁ ଖାନ, ସାଦିକ ଖାନ, କୃଷ୍ଣ ଚନ୍ଦ୍ର ଦାସ, ଶେଖ ସିରାଜୁଦ୍ଦିନ, ଜାହିଦ ଖାନ, ଇମତିଆଜ ଖାନ, ଜୟନ୍ତ ଓଝା, କରିମ ଖାନଙ୍କ ସମେତ ବହୁ ମହିଳା କର୍ମୀ ଘରଘର ବୁଲି ମତଦାତା ମାନଙ୍କୁ ବୁଝାଇଥିଲେ।

# ଯୋଗଦେଲେ ନୂତନ ଅଧିକାରୀ, ତ୍ୱରାନ୍ୱିତ ହେବ ଉନ୍ନୟନ କାର୍ଯ୍ୟ

ବାଲେଶ୍ୱର, ୨୦।୫(ସମିସ)





ବାଲେଶ୍ୱର ଓରମାସ

ଗ୍ରାମାଞ୍ଚଳ ଲୋକ ମାନଙ୍କୁ ସ୍ୱରୋଜଗାରକ୍ଷମ କରି ଦୈନନ୍ଦିନ ଜୀବିକା ଯୋଗାଇ ଦେବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଓରମାସ(ଓଡ଼ିଶା ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି) କାର୍ଯ୍ୟ କରୁଛି। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଓରମାସ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଅଛି। ମାତ୍ର ସଚେତନତା ଅଭାବରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଅଧିକାଂଶ ଗ୍ରାମାଞ୍ଚଳର ଲୋକମାନେ ଓରମାସ ବାବଦରେ ଭଲକରି ଜାଣିପାରି ନ ଥିଲାବେଳେ ଏହା ଦ୍ୱାରା ଉପକୃତ ହେଇପାରୁ ନଥିବା ଅଭିଯୋଗ ହେଉଛି। ତେବେ ଓରମାସ ସଦାସର୍ବଦା ଗ୍ରାମାଞ୍ଚଳର ଲୋକ ମାନଙ୍କୁ ସ୍ୱରୋଜଗାରକ୍ଷମ କରିବା ପାଇଁ ଗୁରୁତ୍ୱଦେଇ ଆସୁଛି। ବିଶେଷକରି ପ୍ରତ୍ୟେକ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନଙ୍କୁ ରୋଜଗାରକ୍ଷମ କରିବାରେ ଏହା ଅଧିକ ଗୁରୁତ୍ୱ ଦେଉଛି। ହେଲେ ବାଲେଶ୍ୱର ଜିଲ୍ଲାରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପ୍ରଚାର ଅଭାବରୁ ଏହି ଜିଲ୍ଲାର ଔପଦା ଓ ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ବ୍ଲକରେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ।

ବାଲେଶ୍ୱର ଜିଲ୍ଲାର ମୋଟ ୩୫୬ ପଞ୍ଚାୟତ ମଧ୍ୟରୁ ମାତ୍ର ୩୫ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଓରମାସ ସହ ପଞ୍ଜୀକରଣ ହୋଇଛି। ଅନ୍ୟ ଜିଲ୍ଲା ଗୁଡିକରେ ଲୋକ ମାନଙ୍କୁ ରୋଜଗାରକ୍ଷମ କରିବା ଲାଗି ପ୍ରଶିକ୍ଷଣ କରାଯାଉଛି। ମାତ୍ର ବାଲେଶ୍ୱର ଜିଲ୍ଲାରେ ସେଭଳି ପ୍ରଶିକ୍ଷଣ ଦିଆଯାଉ ନଥିବା ଅଭିଯୋଗ ହେଉଛି। ଗତ ବର୍ଷ ଡିସେମ୍ବର ସୁଦ୍ଧା ମାତ୍ର ଅଠରଟି ପଞ୍ଚାୟତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଓରମାସ ସହ ପଞ୍ଜୀକରଣ କରିଥିଲା। ସତରଟି ପଞ୍ଚାୟତର ଲୋକମାନଙ୍କୁ ଓରମାସ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅପରପକ୍ଷରେ ଓରମାସ ଜିଲ୍ଲା କାର୍ଯ୍ୟାଳୟରେ ଆବଶ୍ୟକତା ଅନୁଯାୟୀ କର୍ମଚାରୀ ମାନଙ୍କର ଅଭାବ ରହିଥିବା ଯୋଗୁ ବାଲେଶ୍ୱର ଜିଲ୍ଲାରେ ଏହି ଯୋଜନା ଧିମେଇ ଚାଲିଛି ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ କହୁଥିଲେ। ଚଳିତ ବର୍ଷ ଗତ ଜାନୁଆରୀ ସୁଦ୍ଧା ତିନିଜଣ କର୍ମଚାରୀଙ୍କୁ ନେଇ ଏହି ଜିଲ୍ଲାର କାର୍ଯ୍ୟାଳୟ ଚାଲିଥିଲା। ଫଳରେ ସଚେତନତା ଅଭାବରୁ ଜିଲ୍ଲାରେ ଓରମାସର କାର୍ଯ୍ୟକ୍ରମ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଗତ କିଛିଦିନ ହେଲା ନୂତନ ଅଧିକାରୀଙ୍କ ସମେତ କିଛି କର୍ମଚାରୀ ମଧ୍ୟ ସରକାର ଯୋଗାଇ ଦେଇଛନ୍ତି। ଏହି ନୂତନ ଅଧିକାରୀ ଓ କର୍ମଚାରୀ ମାନଙ୍କ ପକ୍ଷରୁ ଯଦି ଯୋଜନାର ସଚେତନତା ପୂର୍ବକ ସଠିକ ଭାବେ କାର୍ଯ୍ୟକାରୀ କରାଯିବ, ତାହେଲେ ଏହି ଯୋଜନା ଜରିଆରେ ବାଲେଶ୍ୱରର ଗ୍ରାମାଞ୍ଚଳ ଲୋକମାନେ ବେଶ ଉପକୃତ ହେଇପାରିବେ। ଗ୍ରାମାଞ୍ଚଳର ଅନେକ ବେକାର ଯୁବକ ଯୁବତୀ ସମ୍ପୃକ୍ତ ଯୋଜନା ଜରିଆରେ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ନେଇ ରୋଜଗାରକ୍ଷମ ହେଇ ପାରିବେ। ଏ ବାବଦରେ ସଦ୍ୟ କାର୍ଯ୍ୟଭାର ଗ୍ରହଣ କରିଥିବା ବାଲେଶ୍ୱର ଓରମାସର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତନୁ ବାନାର୍ଜୀ କହିଛନ୍ତି, ସେ ଦାୟିତ୍ୱ ଗ୍ରହଣ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ପରେ ନିଶ୍ଚିତ ରୂପେ ଓରମାସ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପୂର୍ବାପେକ୍ଷା ଅଧିକ ପଞ୍ଚାୟତ ପଞ୍ଜିକୃତ କରାଯିବ ଏବଂ ଲୋକମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯିବ।





## ୪୫ତମ ଚନ୍ଦନ ଉତ୍ସବ ଆରମ୍ଭ

**ବାଲେଶ୍ୱର, ୨୦।୫(ସମିସ) :** ସ୍ଥାନୀୟ ଗଡ଼ଗଡ଼ିଆ ପୋଖରୀ ଠାରେ ୪୫ତମ ଚନ୍ଦନ ଉତ୍ସବ ଆରମ୍ଭ ହେଇଛି। ଏହି ଉତ୍ସବ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଜାଣିବାକୁ ମିଳିଛି। ଉତ୍ସବ ଆରମ୍ଭରେ ପ୍ରଥାନୁଯାୟୀ ସ୍ଥାନୀୟ ସ୍ୱର୍ଗତ ଜୟ ଗୋପାଳ ଦାସଙ୍କ ଘରୁ ଗୋପାଳଜୀଉ, ରାଧାମାଧବ ଓ ଶ୍ରୀରାଧା ପାଲିଙ୍କିରେ ଆସି ସହର ପରିକ୍ରମା କରି ଗଡ଼ଗଡ଼ିଆ ପୋଖରୀରେ ପହଞ୍ଚି ନାବକେଳି କରିଥିଲେ। ଭଜନ, କୀର୍ତ୍ତନ ଓ ସଙ୍ଗୀତ ପରିବେଷଣରେ ପ୍ରଭୁଙ୍କ ନାବକେଳୀ ଅତ୍ୟନ୍ତ ମୁଗ୍ଧକର ହୋଇଥିଲା। ଏହି ଅବସରରେ କମିଟି ତରଫରୁ ୨ଦିନ ଧରି ସ୍ଥାନୀୟ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ନୃତ୍ୟରେ ପ୍ରଦର୍ଶନ ପାଇଁ ୭ ଜଣ ପ୍ରତିଯୋଗୀମାନଙ୍କ ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଜାତଶତ୍ରୁ ଦାସ, ଶଶିଭୂଷଣ କର, ଅମୂଲ୍ୟ କୁମାର ସେଠୀ, ରବୀନ୍ଦ୍ର ମାଝୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ। କମିଟି ତରଫରୁ ଚଳିତବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରଙ୍ଗାରଙ୍ଗ ମେଲୋଡ଼ି, ଭଜନ ସନ୍ଧ୍ୟା ଓ ସଙ୍ଗୀତ ପରିବେଷଣ ପ୍ରଭୃତି କାର୍ଯ୍ୟକ୍ରମ ୫ ଦିନ ଧରି କରାଯିବ ବୋଲି ସମ୍ପାଦକ ବିଦ୍ୟାଧର ପଣ୍ଡା ସୂଚନା ଦେଇଥିଲେ। ଏହି ଉତ୍ସବକୁ ସଫଳ କରିବାରେ ସୁବ୍ରତ କୁମାର ଦାସ, ଅମର କୁମାର ସେନ, ଶ୍ରୀମନ୍ତ ମାଝୀ, ସ୍ଥାନୀୟ ପୌର ସଦସ୍ୟ ଉମେଶ ବେହେରା, ଚନ୍ଦନ କୁମାର ଦାସ, ଅନୁପ କୁମାର ଦାସ, ଦୀପକ କୁମାର ଦାସ, ଟୁଟୁ ଦିକ୍ଷିତ, ପ୍ରଶାନ୍ତ ଦାସ, ଗଜେନ୍ଦ୍ର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ

## ଆଜି ବାଲେଶ୍ୱର ଆସୁଛନ୍ତି ରେଳମନ୍ତ୍ରୀ

**ବାଲେଶ୍ୱର, ୨୦।୫(ସମିସ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ମାରାଥନ୍ ପ୍ରଚାରରେ ବାଲେଶ୍ୱର ଆସୁଛନ୍ତି। ଦିବା ୧୨ଟାରେ ନୋସି ହେଲିପ୍ୟାଡ଼ରେ ଅବତରଣ କରିବା ପରେ ଅପରାହ୍ନରେ ରେମୁଣା ବାଲିପାଳ ପଡ଼ିଆରେ ଏକ ବିଶାଳ ମହିଳା ସମ୍ମିଳନୀକୁ ସମ୍ବୋଧିତ କରିବେ। ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କସିପଦା ପଡ଼ିଆରେ ଏକ ଜନସଭାକୁ ସନ୍ଧ୍ୟା ୬ଟାରେ ସମ୍ବୋଧିତ କରିବେ। ୨୨ ତାରିଖ ଦିବା ୧୧ ଟା ସମୟରେ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଙ୍ଗଳେଶ୍ୱର ପଡ଼ିଆରେ ଏକ ଯୁବା ସମାବେଶକୁ ସମ୍ବୋଧିତ କରିବେ। ଅପରାହ୍ନ ୪ଟା ସମୟରେ ଭୋଗରାଇ ହେଲିପ୍ୟାଡ୍ ପଡ଼ିଆରେ ସମ୍ମିଳନୀରେ ଯୋଗଦାନ କରିବେ। ସନ୍ଧ୍ୟା ୬.୩୦ ମିନିଟ ସମୟରେ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଳନ୍ଦା ପଡ଼ିଆରେ ଆୟୋଜିତ ଜନସଭାରେ ଯୋଗଦାନ କରିବେ। ୨୪ ତାରିଖ ଦିବା ୧୧ଟା ସମୟରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସନ୍ତରାଗଡ଼ିଆ କଲେଜ ପଡ଼ିଆରେ ଏକ ଯୁବା ସମାବେଶକୁ ସମ୍ବୋଧିତ କରିବେ। ଅପରାହ୍ନ ୪ଟାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶାଳିକୋଠା ପଡ଼ିଆରେ ଆୟୋଜିତ ମହିଳା ସମାବେଶରେ ଅଂଶଗ୍ରହଣ କରିବେ। ତାଙ୍କ ଗସ୍ତର ଶେଷ କାର୍ଯ୍ୟକ୍ରମ ବାଲେଶ୍ୱର ନଗରରେ ରୋଡ଼ ଶୋ ସନ୍ଧ୍ୟାରେ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ପାଇଁ ବାଲେଶ୍ୱର ସାଂସଦ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିବେଦନ କରିଛନ୍ତି।

## ବିଜୟପାଲ ସିଂ ତୋମାରଙ୍କ ବାଲେଶ୍ୱର ଗସ୍ତ

**ବାଲେଶ୍ୱର, ୨୦।୫(ସମିସ):** ଓଡ଼ିଶା ପ୍ରଦେଶ ପାଇଁ କେନ୍ଦ୍ରୀୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଆଜି ବାଲେଶ୍ୱର ଗସ୍ତରେ ଆସିଛନ୍ତି। ନୋସି ହେଲିପ୍ୟାଡ଼ରେ ଅବତରଣ କରିବା ସମୟରେ ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବରିଷ୍ଠ ନେତା ଅଜିତ୍ ପାଢ଼ୀଙ୍କ ସହିତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀ ତୋମାର ସମଗ୍ର ଲୋକସଭା ଓ ଅନ୍ତର୍ଗତ ସାତ ବିଧାନସଭାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟାୟ କ୍ରମେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ବଡ଼ସାହି ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ନିଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସମେତ ସମସ୍ତ ସଂଯୋଜକ, ପ୍ରଭାରୀଙ୍କ ସହ ଆଲୋଚନା କରିଥିଲେ।



### ୨୮ ନଂ. ଜୋନରେ ବିଜେଡିର ବିଶାଳ ସାଧାରଣ ସଭା

# 'ନବୀନ ଓଡ଼ିଶାରେ ସମୃଦ୍ଧି ହେଉଛି ସଭିଁଙ୍କର'

ବାଲେଶ୍ୱର, ୨୦।୫(ସମିସ)

ବାଲେଶ୍ୱର ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୮ ନଂ ଜୋନର ହଳଦୀପଦା ମହୋତ୍ସବ ପଡ଼ିଆରେ ବିଜେଡିର ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ବାଲେଶ୍ୱର ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଉପ ନିର୍ବାଚନ ସମୟରେ ନବୀନ ବାବୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହେବା ସହ ୧୮୦୦ କୋଟି ଟଙ୍କାର ପ୍ରକଳ୍ପର କାର୍ଯ୍ୟ ସାଢେ ତିନି ବର୍ଷରେ ହୋଇ ପାରିଛି। ଜନତା ଜାଣିଛନ୍ତି କିଏ ଜିତିଲେ ଓଡ଼ିଶାର ବିକାଶ ହେବ ବୋଲି ବିଧାୟକ ପ୍ରାର୍ଥୀ ଦାସ କହିଥିଲେ। ସେହିଭଳି ଏହି ସଭାରେ ସାଂସଦ ପାର୍ଥିନୀ



ଡ଼ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନାରୀଙ୍କୁ ସମ୍ମାନ ଦିଅନ୍ତି। ସେଥିପାଇଁ ଓଡ଼ିଶାର ନାରୀ ସମାଜ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି। କିନ୍ତୁ ଅନ୍ୟ ଦଳ ତାହା କରିବା ତ ଦୂରର କଥା, ସେମାନେ କେବଳ ମିଛ ପ୍ରଚାର କରିବା ସହ ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ସଦର ବ୍ଲକ ଅଧ୍ୟକ୍ଷ ସୁନିତା ବେହେରା, ୨୮ ନଂ ଜିଲ୍ଲାପରିଷଦ ସଞ୍ଜୟ କୁମାର ସେଠୀ, ହଳଦୀପଦା ସରପଞ୍ଚ ବରେନ୍ଦ୍ର ସେଠୀ, ରାଇସୁଆଁ ସରପଞ୍ଚ ଅଜିତ୍ ମହାପାତ୍ର, ଶ୍ରୀରାମପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା, ରସୁଲପୁର ସମିତିସଭ୍ୟ ରାଜୀବଲୋଚନ ବେହେରା, ରାଇସୁଆଁ ସମିତି ସଭ୍ୟ ଦୀପକ ଜେନା ପ୍ରମୁଖ ଯୋଗଦେଇ ହଳଦୀପଦା ବାଇପାସରୁ ଏକ ବିଶାଳ ଶୋଭାଯାତ୍ରାରେ ସାଂସଦ ଓ ବିଧାୟକ ପାର୍ଥିଙ୍କୁ ସଭା ସ୍ଥଳରେ ନିଆଯାଇଥିଲା। ଏହି ଅବସରରେ ଅଭିନେତା ଶୁଭାଶିଷ, ଅଭିନେତ୍ରୀ ଜିନା, ଲିପ୍ସା ଏବଂ ହାସ୍ୟ ଅଭିନେତା ପ୍ରଜ୍ଞା ପ୍ରମୁଖ ଦଳୀୟ ପାର୍ଥିଙ୍କ ପାଇଁ ପ୍ରଚାର କରିଥିଲେ।

## ଶ୍ରମିକ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର, ୨୦।୫(ସମିସ):** ରାଜ୍ୟ ସିଆଇଟିୟୁ ପରିବହନ ଶ୍ରମିକ ସଂଘ, ଆଶା, ପାଚିକା, ଅଙ୍ଗନବାଡି ଭଳି ସ୍କିମ୍ ୱାର୍କରସ୍‌ଙ୍କୁ ବାଲେଶ୍ୱର ତଥା ସମଗ୍ର ଓଡ଼ିଶାରେ ସଂଗଠିତ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ସାଥୀ ରାଧାରମଣ ଷଡ଼ଙ୍ଗୀଙ୍କ ବିୟୋଗରେ ନୂଆବଜାରସ୍ଥିତ ପରିବହନ ଶ୍ରମିକ ସଂଘ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସହକର୍ମୀ ସନ୍ତୋଷ ଦାସ ଓ ନିର୍ମଳ ନାୟକ ରାଧାରମଣଙ୍କ ସ୍ମୃତିଚାରଣ କରି ଛାତ୍ର ଆନ୍ଦୋଳନରୁ ଶ୍ରମିକ ସଂଗଠନ ଆନ୍ଦୋଳନରେ ତାଙ୍କର ସ୍ମୃତିଚାରଣ କରିଥିଲେ। ଟିୟୁଏସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ସିଆଇଟିୟୁର ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ଆବାହକ ବିଜୟ ପାତ୍ର, ଆଇଏନ୍‌ଟିୟୁସିର ସୁରେଶ ଚନ୍ଦ୍ର ବେହେରା, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତିର ସଭାପତି ଜଗଦୀଶ ବାରିକ, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟନେତ୍ରୀ ତାପସୀ ପ୍ରହରାଜ, ପାଚିକା ସଂଘ ପକ୍ଷରୁ ଈଷାଣୀ ଷଡ଼ଙ୍ଗୀ, ସିପିଆଇ (ଏମ୍) ଜିଲ୍ଲା ସମ୍ପାଦକ ଶିଶିର ହୁଇ, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା, ଏମ୍ଇଏସ୍ ଶ୍ରମିକ ସଂଘ ପକ୍ଷରୁ ନିରଞ୍ଜନ ଦାସ, ଡାକ କର୍ମଚାରୀ ନେତା ଅକ୍ଷୟ କୁମାର ତ୍ରିପାଠୀ, ଓଏସ୍ଆର୍ଇଉ ସଂଘର ସଭାପତି ନୀଳମଣି ଦିକ୍ଷିତ, ଭିଟାମାଟି ସୁରକ୍ଷା ଆନ୍ଦୋଳନର ସଭାପତି ଅରୁଣ ଜେନା, ଓଡ଼ିଶା ପରିବହନ ଶ୍ରମିକ ସଂଘର ସମ୍ପାଦକ ରାଜକିଶୋର ଲେଙ୍କା ଓ ଶ୍ରମିକ ନେତା ପ୍ରେମରଞ୍ଜନ ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତିକା ପ୍ରକାଶନ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଶେଷରେ ଅସିତ ବରଣ ଦାସ କୃତଜ୍ଞତା ଜଣାଇଥିଲେ। ସଭା ପରିଚାଳନାରେ ମୃତ୍ୟୁଞ୍ଜୟ ରାଉତ, ସାଇକିଙ୍କର ନାୟକ, ବେଣୁଧର ବେହେରା, ନିରଞ୍ଜନ ସାହୁ, ସୁଶାନ୍ତ ସାହୁ, ପୂର୍ଣ୍ଣିମା ଲେଙ୍କା, ପ୍ରମୋଦ ନାୟକ, ଗଗନ ସିଂ ଓ ମହେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଅଲ୍ ଓଡ଼ିଶା ଷ୍ଟେଟ୍ ଟୁର୍ଣ୍ଣାମେଣ୍ଟ

## ବାଲେଶ୍ୱରର ଦୁଇ ଖେଳାଳିଙ୍କ ସଫଳତା




**ବାଲେଶ୍ୱର, ୨୦।୫(ସମିସ):** ଓଏସବିଏ ଡେଭଲପମେଣ୍ଟ କମିଟି ଭୁବନେଶ୍ୱର ପକ୍ଷରୁ ପୋଖରୀପୁଟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ୟୋନେକ୍ସ ସନରାଇଜ୍ ଓଏସବିଏ ଓଡ଼ିଶା ସବ୍ ଜୁନିଅର (୧୫ ବର୍ଷରୁ କମ୍) ଜୁନିୟର(୧୯ ବର୍ଷରୁ କମ୍) ଷ୍ଟେଟ୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ୨୦୨୪ ଆୟୋଜିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱରର ଦୁଇ ଖେଳାଳି ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଓଜୋଦୀପ ମାଝୀ ଓ ମୟଙ୍କ ଭରଦ୍ୱାଜ। ମୟଙ୍କ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲସ୍‌ରେ ରାଜ୍ୟ ଚାମ୍ପିଅନ ହୋଇଥିବା ବେଳେ ଓଜୋଦୀପ ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲସ୍, ଡବଲସ୍ ଓ ମିକ୍ସଡ୍ ବଡଲସ୍ ବିଭାଗରେ ରାଜ୍ୟ ଚାମ୍ପିଅନ ହୋଇ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ, ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଭୁବନେଶ୍ୱରର ଦୁର୍ଗା ପ୍ରସାଦ ସେଟୀଙ୍କୁ ୧୭/୨୧, ୨୧/୯ ଏବଂ ୨୧/୧୫ରେ ପରାସ୍ତ କରି ବାଲେଶ୍ୱରର ଓଜୋଦୀପ ମାଝୀ ଓଡ଼ିଶା ରାଜ୍ୟ ଚାମ୍ପିଅନ୍ ହୋଇଛନ୍ତି। ସେହିପରି ୧୫ ବର୍ଷରୁ କମ୍ ବାଳକ ଡବଲ୍ସରେ ଓଜୋଦୀପ (ଭୁବନେଶ୍ୱରର ପାର୍ଟନର ନାଥାନିଏଲ) ଦୁର୍ଗା ପ୍ରସାଦ ସେଟୀ ବିବିଏସଆର ଏବଂ ଶ୍ରୀୟାଂଶ କେଜ୍ରିୱାଲଙ୍କୁ ଫାଇନାଲରେ ୨୧/୧୪, ୨୧/୧୮ ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ୧୫ ବର୍ଷରୁ କମ୍ ମିକ୍ସଡ୍ ଡବଲ୍ସରେ (ପାର୍ଟନର ଆଦିତ୍ୟ ସ୍ୱାଇଁ ବିବିଏସଆର) କୁମାର ଆଦିତ୍ୟ (ଢେଙ୍କାନାଳ) ଏବଂ ଜେସିକା ସାହୁ (ଭଦ୍ରକ)ଙ୍କୁ ୨୬/୨୪, ୨୧/୨୪ ରେ ପରାସ୍ତ କରି ଓଜୋଦୀପ ଚାମ୍ପିଅନ ହୋଇଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲସ୍ ରେ ବାଲେଶ୍ୱରର ମୟଙ୍କ ଭରଦ୍ୱାଜ ସୁନ୍ଦରଗଡ଼ର ଶ୍ରେୟାଂଶ ପରିଡ଼ାକୁ ୧୬/୨୧, ୨୧/୧୬, ୨୧/୧୨ ରେ ପରାସ୍ତ କରି ଷ୍ଟେଟ୍ ଚାମ୍ପିଅନ ହୋଇଛନ୍ତି।

ଏହାର ଉଦଯାପନୀ ସମାରୋହରେ ଜୋନାଲ ସେକ୍ରେଟାରୀ ଅଜିତ ମହାନ୍ତି, ରାୟଗଡ଼ା ସଚିବ ସୁରେଶ ଚନ୍ଦ୍ର ପଣ୍ଡା, କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଚିବ ଦୀପକ ରଞ୍ଜନ ମହାନ୍ତି ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କାର ରାଶି, ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି।

### ଧୂଳିରେ ଅସ୍ତବ୍ୟସ୍ତ ଜନଜୀବନ

# ଜିଲ୍ଲାପାଳଙ୍କୁ ମେଘଡମ୍ବରୁ ବିକାଶ ପରିଷଦର ଦାବିପତ୍ର

ବାଲେଶ୍ୱର, ୨୦।୫(ସମିସ)

ତାମୁଲିଆ ଫ୍ଲାଏ ଓଭରବ୍ରିଜଠାରୁ ଡିଆରଡିଓ ଲିଙ୍କ୍ ରୋଡ୍ ରାସ୍ତା ନିର୍ମାଣ ସମସ୍ୟାର ସମାଧାନ ପାଇଁ ସୋମବାର ଦିନ ମେଘଡମ୍ବରୁ ବିକାଶ ପରିଷଦ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ ଜିଲ୍ଲାପାଳ, ସାଂସଦଙ୍କୁ ଏ ବାବଦରେ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ବାସିନ୍ଦାମାନେ ଚଳିତ ମାସ ୭ ତାରିଖରୁ ଏହି ରାସ୍ତାକୁ ବନ୍ଦ କରିଦେଇଛନ୍ତି। ତେବେ ଏହି ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମେଘଡମ୍ବରୁ ବିକାଶ ପରିଷଦର କନଭେନର୍ ମହେଶ୍ୱର ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଡିଆରଡିଓର ଏକ ନୂତନ ରାସ୍ତା ପାଇଁ ଯୋଜନା ହେଲା। ଏଥିପାଇଁ ପ୍ରାୟ ୪ ବର୍ଷ ତଳେ ତାମୁଲିଆ ପୋଲ ଏବଂ ଜ୍ୟୋତି ହସପିଟାଲ୍ ନିକଟସ୍ଥ ଓ.ଟି. ରୋଡ୍ ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଇ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ପର୍ଯ୍ୟାୟକ୍ରମେ ଜମିଅଧିଗ୍ରହଣ ସମୟରେ



ତାମୁଲିଆ ପୋଲ ନିକଟରେ ୨୨ ପରିବାରକୁ ଉଚ୍ଛେଦ କରାଗଲା। ଏଥିସହ ପ୍ରାୟ ୧୦୦ଟି ଗଛ କଟାଗଲା। ମାତ୍ର ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିବା ଜମିହୀନ ପରିବାରକୁ ଥଇଥାନ ହୋଇନଥିବା ଅଭିଯୋଗ ହୋଇଛି। ତାମୁଲିଆ ପୋଲଠାରୁ ଡିଆରଡିଓ ରାସ୍ତା ପ୍ରାୟ ୪୦୦ ମିଟର ଦୈର୍ଘ୍ୟକୁ ଅସ୍ଥାୟୀ ସର୍ଭିସ୍ ରୋଡ୍ କରି ପ୍ରତ୍ୟେକ ଦିନ ଶହ ଶହ ଡମ୍ପରରେ ମାଟି, ଚିପସ୍, ବାଲି ବୁହା ଚାଲିଲା। ଏହି ରାସ୍ତାରେ ମଧ ମାଛ ଗାଡ଼ି, ବସ୍ ଓ ଅନ୍ୟାନ୍ୟ ଭାରୀଯାନ ଚଳାଚଳ କଲା। ଫଳରେ ସର୍ଭିସ୍ ରୋଡ୍‌ଟି ଖାଲଖମାରେ ପରିଣତ ହୋଇଯାଇଛି। ତଥାପି ଏହି ରାସ୍ତା ପାର୍ଶ୍ୱ ବିଲରେ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଚାଲିବା ଫଳରେ ଅତିରିକ୍ତ ଧୂଳିରେ ସ୍ଥାନୀୟ ବାସିନ୍ଦାମାନେ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନର ମୁଖ୍ୟ ସମସ୍ୟା ହେଲା ଯେଉଁମାନେ ଡିଆରଡିଓକୁ ଜମି ଦେଲେ କିମ୍ବା ତାଙ୍କ ରାସ୍ତା ଡିଆରଡିଓକୁ ଚାଲିଗଲା ସେମାନେ ଘରୁ ବାହାରିବେ କିପରି। ଗୋଟିଏ ପଟେ ତୃତୀୟ ରେଳଲାଇନ୍ ତିଆରି ହେତୁ ରେଳଲାଇନ ପାର୍ଶ୍ୱରେ ବସବାସ କରୁଥିବା ୪୨ ପରିବାର ରାସ୍ତାକୁ କିପରି ବାହାରିବେ। ଏହି ୪୦୦ ମିଟର ରାସ୍ତା ବାଲେଶ୍ୱର ସହରକୁ ଲିଙ୍କ୍ କରୁଛି ଯାହାଦ୍ୱାରା ସହରକୁ ଏକ ବିକଳ୍ପ ରାସ୍ତା ମିଳିବା ସହ ତାମୁଲିଆ ପୋଲରେ କୌଣସି ଦୁର୍ଘଟଣା ଘଟିଲେ ଏହି ରାସ୍ତାକୁ ବାଇପାସ୍ ରାସ୍ତା ରୂପେ ବ୍ୟବହାର କରାଯାଇପାରେ ବୋଲି ପରିଷଦ ପକ୍ଷରୁ ଦାବି ହୋଇଛି। ଡିଆରଡିଓ ଜମିରେ ବାଲି, ମାଟି, ଡମ୍ପ କରି ବେପାର କରାଯାଉଛି, ଯାହାଦ୍ୱାରା ପ୍ରତ୍ୟେକ ଦିନ ଶହ ଶହ ଗାଡି ଚାଲି ପରିବେଶ ପ୍ରଦୂଷଣ କରୁଛି। ଏହିପରି ବିଭିନ୍ନ ପ୍ରକାର ଅସୁବିଧାରେ ପଡ଼ି ଅଞ୍ଚଳବାସୀ ଅନ୍ୟ କିଛି ଉପାୟ ନ ପାଇ ଦୀର୍ଘ ୭ ଦିନ ହେଲା ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଯାତାୟାତ ବନ୍ଦ କରିଛନ୍ତି। ଶେଷରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆଜି ଦାବିପତ୍ର ପ୍ରଦାନ କରି ଏକ ଟିମ୍ ପଠାଇ ଉକ୍ତ ଜାଗା ତଦନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିଛନ୍ତି।

## ଗଳ୍ପ ପୁସ୍ତକ 'ସୁକାନ୍ତିର ଇନ୍ଦିରା ଆବାସ' ଉନ୍ମୋଚିତ



**ବାଲେଶ୍ୱର, ୨୦।୫(ସମିସ):** କଥାକାର ଗଙ୍ଗାଧର ବିଶ୍ୱାଳଙ୍କ ୧୫ ତମ ଗଳ୍ପ ସଙ୍କଳନ 'ସୁକାନ୍ତିର ଇନ୍ଦିରା ଆବାସ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ରଞ୍ଜନ କୁମାର ସୁତାର ଯୋଗଦେଇ ଲେଖକ ତାଙ୍କ ଲେଖା ପ୍ରତି ଖୁବ୍ ସଚେତନ ଓ ସମାଜ ପ୍ରତି ପ୍ରତିଶ୍ରୁତିବଦ୍ଧ ହୋଇ ଏକ ମହତ କାର୍ଯ୍ୟ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଦେବାଶିଷ ପାତ୍ର, ଆଇନଜୀବୀ ପର୍ଶୁରାମ ପ୍ରଧାନ, ପୁସ୍ତକର ପ୍ରକାଶକ ଦେବାଶିଷ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ବହି କଥା ପ୍ରସଙ୍ଗରେ ପ୍ରକାଶକ ତାଙ୍କ କଥାରେ ପୀଡିତା ସୁକାନ୍ତି, ଆଇନ ପରାମର୍ଶ ଦାତା, ବିଚାର କରିଥିବା ନ୍ୟାୟ ମୂର୍ତ୍ତି ଓ ଏସବୁ ନ୍ୟାୟିକ ପ୍ରକ୍ରିୟାକୁ ଶବ୍ଦ ଓ ଭାବରେ ପରିପୃଷ୍ଟ କରି ପାଠକ ସମାଜ ପାଖରେ ଛିଡା କରାଇଥିବା କଳାକାରଙ୍କ ବକ୍ତବ୍ୟ ଓ ଲେଖକୀୟ ଉଦବୋଧନ ଏକ ବ୍ୟତିକ୍ରମ ତଥା ରୋଚକପୂର୍ଣ୍ଣ ଉତ୍ସବର ମାନ୍ୟତା ଦାବି କରେ ବୋଲି କହିଥିଲେ। କଥାକାର ଗଙ୍ଗାଧର ତାଙ୍କ କଥା ପ୍ରସଙ୍ଗରେ କହିଥିଲେ, ମୋ ଗଳ୍ପ ହିଁ ମୋ କଥା ଉତଥାପନ କରି ଆମନ୍ତ୍ରିତ ଅତିଥି ଓ ଉପସ୍ଥିତ ମାନଙ୍କ ଗହଣରେ ଗଳ୍ପ ପୁସ୍ତକର ଚରିତ୍ରମାନେ ତଥା ସାହିତ୍ୟର ଶୁଭେଚ୍ଛୁ, ବନ୍ଧୁମାନଙ୍କୁ ସଂଯୋଗ କରି ଉତ୍ସବକୁ ଭାବାବେଗମୟ କରିଥିଲେ। ପ୍ରାରମ୍ଭରେ ଜ୍ୟୋଗସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଅତିଥିମାନଙ୍କୁ ଶିଳ୍ପୀ କେଶୁ ଦାସଙ୍କ ଅଙ୍କିତ ତୈଳ ଚିତ୍ର, ପୁସ୍ତକ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ବାଲିଆପାଳ, ୨୦।୫ (ସମିସ)

ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଆଜି ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶଧାରା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମୃଦ୍ଧ ଓ ବିକଶିତ ବସ୍ତା-ବାଲିଆପାଳ ଗଠନ ପାଇଁ ସହଯୋଗ କରିବା ସଙ୍ଗେ ସଙ୍ଗେ ଆସନ୍ତା ଜୁନ ୧ ତାରିଖରେ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସମସ୍ତଙ୍କୁ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ଜେନା ଅନୁରୋଧ କରିଥିଲେ। ଏହି କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନ୍ୟ ଦଳର ବହୁ ବରିଷ୍ଠ ନେତାଙ୍କ ସମେତ ସକ୍ରିୟ ସଦସ୍ୟ ସଦସ୍ୟା ନିଜ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମୁଖ୍ୟଅତିଥି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ବିଜୁ ଜନତା ଦଳକୁ ସ୍ୱାଗତ କରିବା ସହ ମିଳିମିଶି ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। କର୍ମୀ ସମ୍ମିଳନୀରେ ଜୟନ୍ତ ଦତ୍ତ, ସାର୍ଥକ ରଣଜିତ୍, ଲକ୍ଷ୍ମୀକାନ୍ତ ଦେ, ଅନନ୍ତ କରଣ, ନିତ୍ୟାନନ୍ଦ ପ୍ରଧାନ, ଗଣେଶ ବେହେରା, ସଞ୍ଜୟ ରାଜ୍ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ଶହ ଶହ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ।



# ଲେଖାଶ୍ରୀ ଓ ସୁକାନ୍ତଙ୍କ ନିର୍ବାଚନୀ ସଭା



ନୀଳଗିରି, ୨୦।୫ (ସମିସ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର ଓ ନୀଳଗିରି ବିଧାନ ସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ଇଂ ସୁକାନ୍ତ କୁମାର ନାୟକ ଆଜି ନୀଳଗିରି ବ୍ଲକ ୧୨ନମ୍ବର ଜୋନ ଅଧୀନ କାଂଶ, ତିନିଦେଶ ଓ ମିତ୍ରପୁର ଠାରେ ଯୁଗ୍ମ ନିର୍ବାଚନୀ ସଭାରେ ଯୋଗ ଦେଇ ଭୋଟ ବ୍ୟାଙ୍କ ବଢ଼ାଇବା ପାଇଁ ପ୍ରଚାର କରିଥିଲେ। ପ୍ରଥମେ ପଥପ୍ରାନ୍ତରେ ଚାଲି ଚାଲି ଭୋଟରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ। ପରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଲେଖାଶ୍ରୀ ଏବଂ ସୁକାନ୍ତ ସମବେତ ଜନତାଙ୍କୁ ଉଦବୋଧନ କରିବା ସହ ବିଜେଡିର ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ବୁଝାଇ ଥିଲେ ଏବଂ ଭୋଟ ଭିକ୍ଷା ପାଇଁ ଅନୁରୋଧ କରିଥିଲେ। ମଞ୍ଚାସୀନ ନେତୃ ମଣ୍ଡଳୀ ମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରିଣୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବିଜେଡିର ଜିଲ୍ଲା ବରିଷ୍ଠ ଉପସଭାପତି ବାବୁଲା ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବ୍ଲକ ସଭାପତି ବିଜୟ ଲେଙ୍କା, ବରିଷ୍ଠ ଆଇନଜୀବୀ କିଶୋର ଷଡ଼ଙ୍ଗୀ ନିଜନିଜର ବହୁମୂଲ୍ୟ ମତ ଦାନ କରିଥିଲେ।

# ରାଉତପଡ଼ାରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



ବସ୍ତା, ୨୦।୫(ସମିସ): ବସ୍ତା ନିର୍ବାଚନ ମଣ୍ଡଳୀରେ ଜମୁଛି ନିର୍ବାଚନୀ ପ୍ରଚାର। ରବିବାର ସନ୍ଧ୍ୟା ସମୟରେ ରାଉତପଡ଼ା ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ରେ ଦଳର ସରପଞ୍ଚ ଅଞ୍ଜୁଲତା ମଣି, ସଦସ୍ୟ ହରେକୃଷ୍ଣ ପାଳଙ୍କ ସହଗତ ବ୍ଲକ ମହିଳା ସଭାପତି ଲିପିକା ରାଉଳ, ମହାଦେବ ଦାସ, ସଞ୍ଜୟ ସାମଲ, ଜିପିଏଲ ଏଫ ସଭାପତି ଗୀତାରାଣୀ ପଣ୍ଡା, ପଞ୍ଚାୟତ ସଭାପତି ରତିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ମାୟାଧର ମଣି, ମିନତୀ ଜେନା ପ୍ରମୁଖ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ବୁଝାଇଥିଲେ। ଏହି ସଭାରେ ବସ୍ତା ବିଧାୟକ ପ୍ରାର୍ଥୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେଇ ଷଷ୍ଠ ଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ସହ ବସ୍ତା ବାଲିଆପାଳ ସଂକଳ୍ପ ଯାତ୍ରାରେ ସାମିଲ୍ ହେବାକୁ ଆହ୍ୱାନ କରିଥିଲେ। ଶେଷରେ ପଞ୍ଚାୟତ ର ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜୁଜନତା ଦଳ ରେ ସାମିଲ ହୋଇଥିଲେ।

# କମର୍ଦ୍ଦାରେ ବିଜେଡିର ମହାମିଶ୍ରଣ ପର୍ବ

କମର୍ଦ୍ଦା, ୨୦।୫(ସମିସ): ଭୋଗରାଇ ନିର୍ବାଚନମଣ୍ଡଳୀ ଅଧୀନ କମର୍ଦ୍ଦା ପଞ୍ଚାୟତର ସେହି ଗାଁରେ ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଅନ୍ୟ ଦଳର ବହୁ ଆଗଧାଡିର ଛାମୁଆ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ତଥା ସ୍ୱଚ୍ଛ ଆଦର୍ଶ ଶାସନରେ ଅନୁପ୍ରାଣୀତ ହୋଇ ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣପର୍ବରେ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ବ୍ଲକ ବିଜେଡି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲାପରିଷଦ କବିତା ମହାନ୍ତି, କାର୍ଯ୍ୟକାରୀ ସଭାପତି ଗଣଗତି ଗିରି, ହେମନ୍ତ ବେହେରା, ଅଶୋକ କୁମାର ସାହୁ, ସେକ ଫୁରସେତ ସରପଞ୍ଚ ପ୍ରତିନିଧି ଉମାକାନ୍ତ ପ୍ରଧାନ, ବିଜୟ କୁମାର ଦାସ, ପୁଲିନ କୁମାର ପରିଡ଼ା, ଦେବଲ କୁମାର ମିଶ୍ର, ସୁଭାଷ କୁମାର ଦାସ, ହରେକୃଷ୍ଣ ଦାସ ସହ ପଞ୍ଚାୟତ କମିଟିର ବହୁ ନେତାଙ୍କ ଉପସ୍ଥିତିରେ ଅନ୍ୟ ଦଳର ୨୦ଜଣ ଛାମୁଆ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜୁ ଜନତା ଦଳକୁ ସ୍ୱାଗତ ଜଣାଇଲେ।



# ବିଜେପି ମହିଳା ମୋର୍ଚ୍ଚାର ସଭା

ଜଳେଶ୍ୱର ବ୍ଲକ, ୨୦।୫ (ସମିସ): ୫୭ ରାଜ୍ୟ ରାଜପଥ ନିକଟ ଆମ୍ବୁଳିଆଠାରେ ବିଜେପି ମହିଳା ମୋର୍ଚ୍ଚାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଶ୍ମିରେଖା ଜେନା ସଭାପତିତ୍ୱ କରିଥିଲେ। ଜିଲା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁମତୀ ଦେ ଓ ନଗର ମହିଳାମୋର୍ଚ୍ଚା ସଭାନେତ୍ରୀ ଦେବଯାନୀ ଅଣ୍ଡିଆ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ଦାସ, ପଞ୍ଚାୟତ ସଭାପତି ଜୀବନ ଦାସ, ସରପଞ୍ଚ ରାଜେଶ ଜେନା, ଅମରେଶ ଜେନା, ସ୍ୱରୂପ ନନ୍ଦୀ, ସପନ ଜେନା, ସ୍ୱରୂପାନନ୍ଦ ଜେନା, ହରିନାରାୟଣ ସେନାପତି ବକ୍ତବ୍ୟ ରଖିଥିଲେ।

# ବିଜେପିର ଆର୍ଶୀବାଦ ଶୋଭାଯାତ୍ରା

ଚନ୍ଦନେଶ୍ୱର, ୨୦।୫(ସମିସ): ଚଳିତ ନିର୍ବାଚନ ରଣାଙ୍ଗନରେ ବିଜେପି ତରଫରୁ ବିଧାୟକ ପ୍ରାର୍ଥୀ ଭାବେ ଆଶିଷ ପାତ୍ର ଭୋଗରାଇର ବିଭିନ୍ନ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ଆର୍ଶୀବାଦ ଶୋଭାଯାତ୍ରା କରିଆସୁଥିବା ବେଳେ ସୋମବାର ତାଙ୍କର ଦଳୀୟ ସମର୍ଥକଙ୍କ ସହ ଟୁଙ୍କୁରୀହାଜିରା ପଞ୍ଚାୟତ ବୁଲି ଏହି ଶୋଭାଯାତ୍ରା କରିଥିଲେ। ତାଙ୍କ ସହିତ ଜୟରାମ ପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ ଓ ନେତୃମଣ୍ଡଳୀ, ଟୁଙ୍କୁରୀହାଜିରା ପଞ୍ଚାୟତର ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

# ଭୋଗରାଇରେ ଜୋର ଧରୁଛି ନିର୍ବାଚନ ପ୍ରଚାର

ଭୋଗରାଇ, ୨୦।୫ (ସମିସ) : ନିର୍ବାଚନ ଯେତେ ପାଖେଇ ଆସୁଛି, ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଖରା ସହିତ ତାଳ ଦେଇ ନିର୍ବାଚନ ପ୍ରଚାର ତାତି ସେତେ ବୃଦ୍ଧି ପାଇବାରେ ଲାଗିଛି। ଜୁନ ୧ ତାରିଖ ନିର୍ବାଚନ ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ବାଲେଶ୍ୱର ଲୋକସଭା କ୍ଷେତ୍ର ସମେତ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। ଭୋଗରାଇ ବିଧାନସଭା କ୍ଷେତ୍ରରେ ୪ ଟି ରାଜନୈତିକ ଦଳରୁ ୩ ଜଣ ସାମ୍ବାଦିକଙ୍କ ସହିତ ଜଣେ ଯୁବ ବ୍ୟବସାୟୀ ଏବଂ ଅନ୍ୟ ଜଣେ ସ୍ୱାଧୀନ ଭାବେ ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ଅଧିକାରୀ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ 'ଶଙ୍ଖ' ଚିହ୍ନରେ ସାମ୍ବାଦିକ ଓ ସ୍ତମ୍ଭକାର ତଥା ଦଳର ରାଜ୍ୟ ମୁଖପାତ୍ର, ନିର୍ବାଚନ ମଇଦାନରେ ନବାଗତ ଗୌତମବୁଦ୍ଧ ଦାସ, କଂଗ୍ରେସ ଦଳରୁ 'ହାତ' ଚିହ୍ନରେ ସାମ୍ବାଦିକ ଓ ସ୍ତମ୍ଭକାର ତଥା ବିଗତ ଦୁଇଟି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ଯୁବ ନେତା ସତ୍ୟଶିବ ଦାସ, ନବ ଭାରତ ନିର୍ମାଣ ସେବା ଦଳ ପକ୍ଷରୁ 'ଆଖୁଚାଷୀ' ଚିହ୍ନରେ ବିଜେପିର ବିଦ୍ରୋହୀ ତଥା ୨୦୧୭ ପଞ୍ଚାୟତ ନିର୍ବାଚନରେ ୩୪ ନଂ ଜୋନରୁ ଦଳୀୟ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା, ବିଜେପି ଦଳରୁ 'ପଦ୍ମ' ଚିହ୍ନରେ ଯୁବ ବ୍ୟବସାୟୀ ଓ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର ଓ ସ୍ୱାଧୀନ ଭାବେ 'ଫୁଲକୋବି' ଚିହ୍ନରେ ପ୍ରାର୍ଥୀ ହୋଇଥିବା ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ଅଧିକାରୀ ଅସିତ କୁମାର ଚାନ୍ଦ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭୋଗରାଇର ସମୁଦାୟ ୨ ଲକ୍ଷ ୩୨ ହଜାର ୩୯ ୯ ଭୋଟରଙ୍କ ମଧ୍ୟରେ ପ୍ରାର୍ଥୀମାନଙ୍କୁ ନେଇ ଉତ୍କଣ୍ଠା ଓ ଭୋଟଦାନକୁ ନେଇ ପ୍ରବଳ ଉତ୍ସାହ ବୃଦ୍ଧି ପାଇଛି। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ମାନଙ୍କୁ ପରଖିବାରେ ଲାଗିଛନ୍ତି ଭୋଟର। ଫଳରେ ସମସ୍ତ ପ୍ରାର୍ଥୀଙ୍କ ପ୍ରଚାର ସଭାରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଭୋଟର ମାନଙ୍କ ଏଭଳି ମାନସିକତାକୁ ଅନୁଭବ କରି ପ୍ରାର୍ଥୀ ମାନେ ନିଜର ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ସପକ୍ଷରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି।

ଏଭଳି ସମୟରେ ସ୍ୱାଧୀନ ପ୍ରାର୍ଥୀ ଅସିତ କୁମାର ଚାନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ସ୍ୱାଭିମାନୀ ପରମ୍ପରା ସମ୍ପନ୍ନ ଭୋଗରାଇ ନିର୍ବାଚନ ମଣ୍ଡଳୀକୁ ଦୁର୍ନୀତି ଓ ପିସି ମୁକ୍ତ କରିବାରେ ସେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରିବେ। ସମାଜସେବୀ ଦେବାଶିଷ ମହାନ୍ତି ଓ ଲଲାଟେନ୍ଦୁ ପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁପ କୁମାର ଚାନ୍ଦ, ବୈଜୟନ୍ତ ବେହେରା, ଶୁଭମ ମହାନ୍ତି, ଦେବନାରାୟଣ ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୧୨୦୦ ଲିଟର ଜବତ କିରାସିନି ଯୋଗାଣ ବିଭାଗକୁ ହସ୍ତାନ୍ତର

ବସ୍ତା, ୨୦।୫(ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଦ୍ୱାରା ୬୦ ନମ୍ବର ଜାତୀୟ ରାଜପଥର ଦଣ୍ଡିକା ନିକଟରୁ ଜବତ ୧୨୦୦ ଲିଟର କିରାସିନିକୁ ବସ୍ତା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ହସ୍ତାନ୍ତର କଲେ ପୋଲିସ। ସୂଚନା ଅନୁସାରେ ଗତ ୬ ତାରିଖ ଦିନ ରେ ବସ୍ତା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦଣ୍ଡିକା ନିକଟରୁ ଏକ ପିକଅପ ଭ୍ୟାନ ସହ ୧୨୦୦ ଲିଟର କିରାସିନି ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ପଠାଇଥିଲା ପୁଲିସ। ତେବେ



ପ୍ରାଥମିକ ତଦନ୍ତରୁ ପୋଲିସ ଏହା ପିଡିଏସ କିରୋସିନି ଜାଣିପାରି, ଏତେଗୁଡିଏ କିରୋସିନି ଜଳେଶ୍ୱର କିମ୍ବା ପଶ୍ଚିମବଙ୍ଗରୁ ଆସିଥାଇପାରେ ବୋଲି ଅନୁମାନ କରି ତଦନ୍ତ ଜାରି ରଖିଥିବା ବେଳେ ଗିରଫ ଡ୍ରାଇଭର କିମ୍ବା ହେଲ୍ପର ଠାରୁ ମିଳିଥିବା ସୂଚନା କୁ ଗୋପନ ରଖିଛି ପୁଲିସ। ଜବତ କିରୋସିନି ଆନୁମାନିକ ମୂଲ୍ୟ ୭୨୦୦୦ ଟଙ୍କା ହେବ। ତେବେ ନିର୍ବାଚନୀ ବ୍ୟସ୍ତତା ଯୋଗୁଁ ଜବତ କିରୋସିନି କୁ ୧୪ ଦିନ ର ବ୍ୟବଧାନ ପରେ ଯୋଗାଣ ଅଧିକାରୀ ଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ସମୁଦ୍ରରେ ମାଛଧରା ବନ୍ଦ

# ଚନ୍ଦନେଶ୍ୱର ବଜାରରେ ମାଛ ବ୍ୟବସାୟ ମାନ୍ଦା

ଚନ୍ଦନେଶ୍ୱର, ୨୦।୫ (ସମିସ)

ନିର୍ବାଚନ ଋତୁରେ ଚନ୍ଦନେଶ୍ୱର ବଜାରରେ ମାଛ ଅଭାବ ପାଇଁ ସ୍ଥାନୀୟ ଖାଉଟି ମାନେ ହନ୍ତସନ୍ତ ହେଉଛନ୍ତି। ବାହାର ରାଜ୍ୟରୁ ଆସୁଥିବା ମାଛଠାରୁ ଲୁଣି ମାଛର ଦାମ ଏବେ ବହୁତ ଅଧିକ। ଯଦି ବି କାଁଭାଁ ଲୁଣିମାଛ ମିଳୁଛି ଅଧିକ ଦାମ ପାଇଁ ଥିଲା ବାଲା ବ୍ୟତିତ ସାଧାରଣ ଲୋକଙ୍କ ପକ୍ଷେ କିଣିବା କଷ୍ଟକର ହୋଇପଡ଼ିଲାଣି। ବାଲେଶ୍ୱର ଜିଲ୍ଲା ଭୋଗରାଇର ଉଦୟପୁର, ତାଳସାରୀ, କୀର୍ତ୍ତନୀୟା ଓ ବିଚିତ୍ରପୁର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଅଧିକାଂଶ ଲୋକ ମାନଙ୍କର ମୁଖ୍ୟ ଜୀବିକା ମତ୍ସ୍ୟ ବ୍ୟବସାୟ। ମତ୍ସ୍ୟ ପ୍ରଜନନ, ସଂରକ୍ଷଣ ଏବଂ ସାମୁଦ୍ରିକ ନିରାପତ୍ତା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷେଧାଦେଶ ୬୦ ଦିନ ଯାଏଁ ଜାରି ରହିଛି। ସେଥିପାଇଁ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲର ମାନେ ସମୁଦ୍ରରେ ମାଛ ଧରିବାକୁ ଯାଇପାରୁ ନାହାଁନ୍ତି। ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ଦୀର୍ଘ ୨ମାସ ଧରି ସମୁଦ୍ରରେ ମାଛଧରା ଉପରେ କଟକଣା ରହିଛି। ସେଥିପାଇଁ ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୧୦୦୦ରୁ ଅଧିକ ଟ୍ରଲର ୫୦୦ ରୁ ଅଧିକ ଯାନ୍ତ୍ରିକ ଡଙ୍ଗା ବନ୍ଦ ହୋଇ ପଡ଼ିଛି।



ଯାହାଦ୍ୱାରା କି ମତ୍ସ୍ୟଜୀବୀ ମାନେ ମାଛ ଧରି ସ୍ଥାନୀୟ ବଜାରର ଆବଶ୍ୟକତା ମେଣ୍ଟାଇବା ସହିତ ବାହାର ରାଜ୍ୟ ଓ ବିଭିନ୍ନ ଅଞ୍ଚଳକୁ ମାଛ ପଠାଇ ସେମାନଙ୍କର ଜୀବିକା ନିର୍ବାହ କରିବାରେ ବାଧା ଉପୁଜିଛି। ଯେଉଁଥିପାଇଁ ଚନ୍ଦ୍ରାବାଲି ମାଛଖଟି, ତାଳସାରୀ, ଉଦୟପୁର ଓ ବିଚିତ୍ରପୁର ମାଛଖଟି ମାନଙ୍କର ଏକରକମ ଖାଁ ଖାଁ। ସ୍ଥାନୀୟ ଚନ୍ଦନେଶ୍ୱର ଖାଉଟି ବଜାର ଉପରେ ମତ୍ସ୍ୟାଭାବର ପ୍ରଭାବ ମଧ୍ୟ ଦୃଷ୍ଟି ଗୋଚର ହେଉଥିବା ଦେଖିବାକୁ ମିଳିଛି। ଏହି ମାଛ ବଜାର ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ବଜାରଟି ଏକ ସଂକୀର୍ଣ୍ଣ ଜାଗାରେ ରହିଛି। ତା ଛଡା ଖରା ଓ ବର୍ଷା ପାଇଁ ମାଛ ବିକ୍ରେତା ଓ କ୍ରେତା ମାନଙ୍କୁ କଷ୍ଟ ଦେଉଛି। ଏବେ ମାଛ ବଜାରର ବିଶେଷ ଭିଡ଼ ନ ଥିବାରୁ ଶୀଘ୍ର ସୁବ୍ୟବସ୍ଥା କରିବାକୁ ବ୍ୟବସାୟୀ ମାନେ ଦାବି କରିଛନ୍ତି।


**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate** : **SHRI ASWINI KUMAR PATRA,**
At/P.o-Khuard, P.S.: Raibania, Dist.: Balasore

Name of Political Party : **BIJU JANATA DAL**

Name of Election : **GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024**

**Name of Constituency** : **35-JALESWAR Assembly Constituency**

**I SHRI ASWINI KUMAR PATRA (name of candidate), a candidate for the above mentioned election, declare for public information the following details about my criminal antecedents:**

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | **JMFC, Balasore (Rural)** | **CT 234/2009** | **For Trial** | **U/s- 147-Punishment for Rioting,145-Joining or continuing in unlawful assembly, knowing it has been commanded to disperse/146-Rioting OF IPC & 174 Railway Act-Obstruction of train** |
| 2. | **JMFC, Balasore (Rural)** | **2 (c) CC No. 12/2016** | **For Trial** | **U/s- 147-Punishment for Rioting,145-Joining or continuing in unlawful assembly, knowing it has been commanded to disperse/146-Rioting OF IPC & 174 Railway Act-Obstruction of train** |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | **NA** | **NA** | **NA** |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

**SD/- SHRI ASWINI KUMAR PATRA**

ସକାଳ
THE SAKALA



## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଆମ୍ବୁଲାନ୍ସ

**ଚାଳକ ଗୁରୁତର**

ରାଜଘାଟ, ୨୦।୫ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଯୁଣବଳଦା ଛକ ନିକଟରେ ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ନୟନଯୋରିକୁ ଖସିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଚାଳକ ଜଣକ ଗୁରୁତର ହୋଇଛନ୍ତି । ସୂଚନାରୁ ପ୍ରକାଶ ଆଜି ପୂର୍ବାହ୍ଣରେ ଏକ ବୋଲେରୋ ଆମ୍ବୁଲାନ୍ସଟିଏ ପଶ୍ଚିମବଙ୍ଗ ମେଦିନି ପୁର ଅଞ୍ଚଳରୁ ବାହାରୁ କଟକ ଯିବା ସମୟରେ ଯୁଣବଳଦା ଛକ ନିକଟରେ ଭାରସାମ୍ୟ ହରାଇ ଜାତୀୟ ରାଜପଥରୁ ୨୦ ଫୁଟ୍ ତଳକୁ ନୟନଯୋରିକି ଖସିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ବିଦ୍ୟୁତ ଖୁଣ୍ଟଟି ଭାଙ୍ଗିଯିବା ସହ ଗାଡ଼ିର ସମ୍ମୁଖ ପାର୍ଶ୍ୱ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ଆମ୍ବୁଲାନ୍ସ ମଧ୍ୟରେ ଏକାକୀ ଥିବା ଚାଳକ ଜଣକ ଘଟଣା ସ୍ଥଳରେ ଗୁରୁତର ହୋଇଥିଲେ । ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଚାଳକକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସ ଓ ରାଜଘାଟ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ଘଟଣା ବାବଦରେ ଅବଗତ କରାଇଥିଲେ । ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସଟିକୁ ଜଗତ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି । ସେହିଭଳି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ମଧ୍ୟ ପହଞ୍ଚି ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରି ଖୁଣ୍ଟି ମରାମତି କାମ ଚାଲୁ ରଖିଛନ୍ତି ।

## ନୀଳମଣି କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ରୂପସା, ୨୦।୫ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ବାଞ୍ଛାନିଧି ଦେ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନନ୍ତ କୁମାର ସାହୁ ଓ ରବୀନ୍ଦ୍ର କୁମାର ପଣ୍ଡା ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ବିଶ୍ୱ ପରିବେଶ ଦିବସ ଓ ବନ ମହୋତ୍ସବ ସପ୍ତାହ ପାଳନ ସହିତ ମହାବିଦ୍ୟାଳୟ ପରିସରରେ ଓ ଅନ୍ୟାନ୍ୟ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ର ସଂସଦର ସଦସ୍ୟ ମାନଙ୍କୁ ଉତ୍ସାହିତ କରିବା ସହ ମହାବିଦ୍ୟାଳୟର ବିକାଶ ନିମିତ୍ତ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ପରାମର୍ଶ ପ୍ରଦାନ କରିଥିଲେ । ଏହି ବୈଠକରେ ଆଗାମୀ ଦିନରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ସଂକ୍ରାନ୍ତୀୟ ଆଲୋଚନା କରାଯାଇଥିଲା । ସଦସ୍ୟ ରାକେଶ କୁମାର ପରିଡ଼ା ଓ ବିରାଟ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୋପାଳ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ ଆଘାତରେ ୪ ଗୋରୁ ମୃତ

ରାଇବଣିଆ, ୨୦।୫ (ସମିସ): ଆଜି ଦିନ ପ୍ରାୟ ୧୦ଟା ସମୟରେ ନାମ୍ପୋ ଜଗନ୍ନାଥ ମନ୍ଦିର ସାମ୍ନା ଚାଷ ଜମିରେ ୪/୫ଟି ଗୋରୁ ଗାଈ ପଡ଼ିଥିବାର ସ୍ଥାନୀୟ ଲୋକଙ୍କ ମଧ୍ୟରୁ ଖବର ପାଇଦେଖାଗଲା କି ପାଖରେ ୧୧କେଭି ତାରଖୁଣ୍ଟରୁ ଛିଡି ଝୁଲି ରହିଥିବାରୁ ତାର ସଂସ୍ପର୍ଶରେ ଆସି ୪ଟି ଗୋରୁ ଗାଈ ବିଦ୍ୟୁତ ଆଘାତରେ ମରିଯାଇଛନ୍ତି । ଏହିଭଳି ଘଟଣା ବାରମ୍ବାର ଏଠାରେ ବଢ଼ିଚାଲିଛି ଅନେକ ଲୋକ ପଶୁଙ୍କର ଜୀବନ ଗଲାଗି । ମାତ୍ର ବାରମ୍ବାର ପଦକ୍ଷେପ ନେବାପାଇଁ ଜନସାଧାରଣଙ୍କ ତରଫରୁ ବିଶେଷକରି ବିଦ୍ୟୁତ ଉପଭୋକ୍ତା ମଞ୍ଚ ତରଫରୁ ଦାବି କରାଯାଉଥିଲେ ମଧ୍ୟ କିଛି ପଦକ୍ଷେପ ନ ନେବା ଫଳରେ ଆଜି ପୁଣି ଏହି ପରି ଘଟଣା ଘଟିଛି । ମୃତ ଗାଈଗୁଡ଼ିକର ମାଲିକ ନାମ୍ପୋ ଗ୍ରାମର ସୁକାନ୍ତ ଜେନା, ଡଲିରାଣୀ ଜେନା, ସୁମନୁ ଜେନାଙ୍କର । ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ସି.ପି.ଆଇ ଏମ ନେତାପଲଟୁ ଦାସ, କଂଗ୍ରେସ ନେତା ଗୋପାଳ କୃଷ୍ଣ ଜେନା ଦାବି କରିବା ସହିତ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।


କ୍ଷତିପୂରଣ ଦାବି

**ରୂପସା ରେଳଷ୍ଟେସନ ସମସ୍ୟାର ସମାଧାନ କେବେ**

# ଯାତ୍ରୀଙ୍କ ସ୍ୱାର୍ଥ ସହ ଖେଳୁଛି ରେଳ ବିଭାଗ

ରୂପସା, ୨୦।୫ (ସମିସ)

ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲା ରୂପସା ରେଳ ଷ୍ଟେସନରେ ଥିବା ସମସ୍ୟା ଏଯାବତ ସମାଧାନ ହୋଇପାରୁନି । ଏ ସମ୍ପର୍କରେ ବାରମ୍ବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟିଆକର୍ଷଣକରାଯାଇଥିଲେହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ରେଳ ବିଭାଗର ପ୍ରତିଶ୍ରୁତିରେ ସମସ୍ୟା ଅଟକି ଥିବାରୁ ଯାତ୍ରୀଙ୍କ ସ୍ୱାର୍ଥ ସହ ବିଭାଗ ଖେଳୁଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ରୂପସା ଷ୍ଟେସନରେ ପୂର୍ବ ଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଷ୍ଟେସନର ଉତ୍ତର କେବିନ ଠାରେ ଖୁବ୍‌ଶୀଘ୍ର ପ୍ରସ୍ତାବିତ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନର ରହଣି ହେବା, ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେସିନ ସ୍ଥାପନ କରିବା, କୋଭିଡ୍ ପୂର୍ବ ସମୟ ସାରଣୀ ମୁତାବକ ମେମୋ ଟ୍ରେନ ଚଳାଚଳ କରିବା, ପାସେଞ୍ଜର ଟ୍ରେନର ଭଡ଼ା ପୂର୍ବ ଭଳି ଲାଗୁ ହେବା, ଭଗବାନପୁର ରେଳ ଫାଟକ ଠାରୁ ବାମଡ଼ା ଫାଟକ ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱରେ ସ୍ଥାୟୀ ରାସ୍ତା ନିର୍ମାଣ ହେବା ସମ୍ପର୍କିତ ଏକ ଦାବିପତ୍ର ରୂପସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେଳବାଇ ଜେନେରାଲ ମ୍ୟାନେଜର ଓ ଡିଆରଏମଙ୍କୁ ବାରମ୍ବାର ପ୍ରଦାନ କରାଯାଇଥିଲା । ରେଳମନ୍ତ୍ରୀ ଓ ବାଲେଶ୍ୱର ଏମ୍‌ପିଙ୍କ ଅପାରଗତା ଯୋଗୁଁ ଅଦ୍ୟାବଧି କୌଣସି ସମସ୍ୟାର ସମାଧାନ ହେଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇ ନ ଥିବା ବେଳେ ଆଗାମୀ ନିର୍ବାଚନରେ ଅଞ୍ଚଳବାସୀ ଏହାର ଜବାବ ଦେବେ ବୋଲି ଚର୍ଚ୍ଚା ଚାଲିଛି ।




## ଓଲଟିଲା ଲୁହାପଥର ବୋଝେଇ ଟ୍ରକ

ରାଜଘାଟ, ୨୦।୫ (ସମିସ): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଏକ ଲୁହାପଥର ବୋଝେଇ ଟ୍ରକ ଓଲଟିବା ଫଳରେ ଚାଳକ ଜଣକ ଆହତ ହୋଇ ବସ୍ତା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ଣରେ ଏକ ଟ୍ରକ ବାଲେଶ୍ୱରରୁ ବାହାରି କଲିକତା ଅଭିମୁଖେ ଯାଉଥିବା ବେଳେ ଗୋଡ଼ିଖାଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା । ଫଳରେ ଚାଳକ ଆହତ ହୋଇଥିଲେ । ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟରେ ବସ୍ତା ଡାକ୍ତରଖାନାକୁ ପଠାଇଥିଲେ । ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସ ପହଞ୍ଚି ଉକ୍ତ ଟ୍ରକକୁ ଜବତ କରିଛି ।

## ନଟାକଟାରେ ବିଜେଡିର ନିର୍ବାଚନୀ ସଭା



ରାଜଘାଟ, ୨୦।୫ (ସମିସ)

ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଓ ବେଲା ଗ୍ରାମରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ଗ୍ୟାରେଣ୍ଟି ବାବଦରେ ଲୋକଙ୍କୁ ଅବଗତ କରାଇବା ସହ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ତାଙ୍କୁ ଓ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ବିପୁଳ ଭୋଟରେ ଜିତାଇବା ସହ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ସଶକ୍ତ କରିବା ପାଇଁ କର୍ମୀ ମାନଙ୍କୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟା ସାଗରିକା ଜେନା, ପୂର୍ବତନ ଜିଲା ପରିଷଦ ଶମ୍ଭୁନାଥ ସେଠୀ, ସେବା ସମିତି ସଭାପତି ଦୀପକ କୁମାର ସାହୁ, ଜିଲା ଯୁବ ସାଧାରଣ ସମ୍ପାଦକ ସମୀର କୁମାର ଚାନ୍ଦ, ସମିତି ସଭ୍ୟା ପ୍ରତିନିଧି ଗଣେଶ ଚାନ୍ଦ, ଅମର୍ଦ୍ଦାରୋଡ ବଜାର କମିଟି ସମ୍ପାଦକ ଇନ୍ଦ୍ରଜିତ ଘୋଷ, ଉପଦେଷ୍ଟା ରବୀନ୍ଦ୍ର କୁମାର ମହାନ୍ତି(କୁନୁ), ଅରବିନ୍ଦ ରଣା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଏବଂ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଦଳ ପକ୍ଷରୁ ବଛାଯାଇଥିବା ଦୁଇ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ନିଜର ବହୁମୂଲ୍ୟ ମତ ସାବ୍ୟସ୍ତ କରି ସେମାନଙ୍କୁ ଜିତାଇ ଆଣିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବେଲା, ଖଣ୍ଡପକ୍ଷା, ପାଣିନଗର ଓ ପାଞ୍ଚବାଟିଆ ଗ୍ରାମର ୨୦ ପରିବାର ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିଥିଲେ । ସେମାନଙ୍କୁ ଶ୍ରୀ ପାତ୍ର ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ସରପଞ୍ଚ ଶ୍ରୀମତି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଙ୍ଗଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ହାତୀ ଆକ୍ରମଣରେ ମୃତ୍ୟୁ ଅଭିଯୋଗ**

ଔପଦା, ୨୦।୫ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବନବିଭାଗ ଅଧୀନ ଗଜାଆମ୍ବ ଜଙ୍ଗଲରୁ ଗତ ସୋମବାରରୁ ୮ ଦିନ ହେବ ନିଖୋଜ ଥିବା କାହ୍ନୁ ସିଂ(୬୪)ଙ୍କ ମୃତ ଦେହ ଉଦ୍ଧାର ହୋଇଛି । ବଡ଼ପୋଖରୀ ପଞ୍ଚାୟତ ଗଜାଆମ୍ବ ଗ୍ରାମର କାହ୍ନୁ ସିଂ ଗତ ସୋମବାର ଦିନ ଶାଳ ପତ୍ର ତୋଳିବାକୁ ଜଙ୍ଗଲ ଭିତରକୁ ଯାଇ ଆଉ ଫେରି ନ ଥିଲେ । ଘର ଲୋକ ଏବଂ ଗ୍ରାମବାସୀ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା । ଆଜି ସକାଳୁ ଗ୍ରାମବାସୀ ଗ୍ରାମ ନିକଟ ଜଙ୍ଗଲ ଭିତରକୁ ଯାଇ ଖୋଜା ଖୋଜିବେଳେ କାହ୍ନୁଙ୍କ ମୃତଦେହ ଦେଖି ବନବିଭାଗ କୁ ଖବର ଦେଇଥିଲେ । ମୃତ କାହ୍ନୁଙ୍କ ମୁଣ୍ଡ, ଛାତି ଓ ଗୋଡ଼ରେ ଗଭୀର ଆଘାତ ସହ ନିକଟରେ ହାତୀର ପାଦ ଚିହ୍ନ ଦେଖି ତାଙ୍କୁ ହାତୀ ଦଳି ଚକଟି ମାରି ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ ଔପଦା ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ଥାନା ଏସଆଇ ପ୍ରବୋଧ ନାୟକ, ଔପଦା ବନବିଭାଗ ରେଞ୍ଜର ମନୋରଞ୍ଜନ ନାଇକି ସହିତ ଫରେନ୍ସିକ୍ ଟିମ୍ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ସୋର ମେଡ଼ିକାଲକୁ ପଠାଇଛନ୍ତି । ତେବେ ମୃତ କାହ୍ନୁ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି । ଏହି ଅସହାୟ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।



## ବସ୍ତାରେ କଂଗ୍ରେସର ନିର୍ବାଚନୀ ସଭା

ରାଜଘାଟ, ୨୦।୫ (ସମିସ): ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ବସ୍ତା ବଜାରସ୍ଥିତ ତଥା ବ୍ରାହ୍ମଣଦା ପଞ୍ଚାୟତ ଅନ୍ତର୍ଗତ ରଣାମୁଣ୍ଡଳୀ ପଡ଼ିଆରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଓ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଯୋଗ ଦେଇ ୨୦୦୯ ରୁ ୨୦୧୪ ସାଂସଦ ଥିଲା ବେଳେ ସମଗ୍ର ବାଲେଶ୍ୱର ଲୋକସଭା କ୍ଷେତ୍ର ଓ ବସ୍ତା ଅଞ୍ଚଳରେ ହୋଇଥିବା ଜନହିତକର କାର୍ଯ୍ୟକୁ ଉପସ୍ଥିତ ଭୋଟରଙ୍କ ସମ୍ମୁଖରେ ବ୍ୟାଖ୍ୟା କରିଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିଜନ ନାୟକ ଯୋଗଦେଇ ସମସ୍ତଙ୍କୁ ଭୋଟ ନିବେଦନ କରିଥିଲେ । ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଯୋଗଦେଇ ଦେଶରେ ଗଣତନ୍ତ୍ର ରକ୍ଷା ପାଇଁ କଂଗ୍ରେସକୁ ବିଜୟୀ କରିବାକୁ ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ଅଭୟ ଶ୍ରୀବାସ୍ତବ, ଅରୁଣ ଜେନା, ମନୋଜ ମହାନ୍ତି, କମଳଲୋଚନ ଜେନା, କିଶୋର ପାଳ, ଜୟନ୍ତ ମହାପାତ୍ର, ଅମିତ ବିଶ୍ୱାଳ, କରୁଣାକର ମଲ୍ଲିକ, ଗୌରହରି ବେହେରା, ଅରୁଣ ମଣ୍ଡଳ, ବ୍ରଜେନ୍ଦ୍ର ଗିରି, ଜୀବନ ପ୍ରଧାନ, ଅବିନାଶ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ଈଶ୍ୱରବତୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଥିଲା । ବ୍ଲକ କଂଗ୍ରେସ ଶ୍ରମିକ ସଭାପତି ତଥା ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳରୁଦ୍ରେଶ୍ୱର ମହାଦେବଙ୍କ ପାଟପର୍ବ

**ମନମୋହିଲା ଆଟଲାସ ପ୍ରତିକୃତି, କଣ୍ଟା ପାଟୁଆ, ଆଦିବାସୀ କଳସୀ ନୃତ୍ୟ, ପଞ୍ଚ ମୁଣ୍ଡିଆ**

**ବନ୍ଦ ରହିଲା ପ୍ରାଣଘାତୀ ଡିଜେ ସାଉଣ୍ଡ ସିଷ୍ଟମ ଶୋଭାଯାତ୍ରା**

ଭୋଗରାଇ, ୨୦।୫ (ସମିସ)

ଭୋଗରାଇ ବ୍ଲକର ସୀମାନ୍ତ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଓ ପଶ୍ଚିମବଙ୍ଗ ବାସୀଙ୍କ ସାଂସ୍କୃତିକ ଏବଂ ଜୀବନ ଜୀବିକାର ମିଳନ କ୍ଷେତ୍ର ଭାବେ ପରିଚିତ ମାନକୁଣ୍ଡା କ୍ରିକେଟ ପଡ଼ିଆରେ ବାବା ନୀଳରୁଦ୍ରେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଚଡ଼କ ମେଳାର ଉଦ୍‌ଯାପନୀ ଉତ୍ସବ ପାଟପର୍ବ ରବିବାର ମହାଆଡମ୍ବରରେ ସମ୍ପନ୍ନ ହୋଇଛି । ପ୍ରାଣଘାତୀ ଡିଜେ ସାଉଣ୍ଡ ସିଷ୍ଟମ ଶୋଭାଯାତ୍ରା ଉପରେ ଉତ୍ସବ କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ଶାନ୍ତିଶୃଙ୍ଖଳାର ସହିତ ଏହି ମେଳା ଅନୁଷ୍ଠିତ ହୋଇଥିଲା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଦର୍ଶକ ମନଭରି ମେଳା ଉପଭୋଗ କରିଥିଲେ । ଶତାଧିକ ମହିଳା, ପୁରୁଷ ଓ ଶିଶୁ ଉପବୀତଧାରୀ ଭକ୍ତମାନେ ଜୀଉଙ୍କ ଠାରେ ୧୧ ଦିନ ଧରି ବ୍ରତ ପାଳନ ପୂର୍ବକ ଦିନ ତମାମ ଛେପ ନ ଢ଼ୋକି ଉପବାସ ରହି ଶିବଙ୍କୁ ଆରାଧନା କରିଥିଲେ । ରାତିରେ ଅର୍ଘ୍ୟ ଦାନ ପରେ ହବିଷାନ୍ନ ଭୋଜନ କରିଆସୁଥିଲେ । ଶନିବାର ବାବାଙ୍କ ପୀଠରେ ମହାନୀଳ ପର୍ବ ଓ ଜଳଲାଗି ଅନୁଷ୍ଠିତ ହୋଇଥିଲା । ଶତାଧିକ କୁନି କାଉଡ଼ିଆ ଓ ମାନସିକଧାରୀ ମହିଳା ଓ ପୁରୁଷ ଭକ୍ତ ମାନେ ସୁବର୍ଣ୍ଣରେଖା ନଦୀର ପନ୍ତେଇ ଘାଟରୁ ଭାରରେ ପାଣି ଆଣି ୨୦ କିଲୋମିଟର ରାସ୍ତା ଖାଲି ପାଦରେ ଚାଲି ଚାଲି ଆସି ବାବାଙ୍କ ଠାରେ ଜଳାଭିଷେକ କରିଥିଲେ । ଶେଷରେ ପାଟଭକ୍ତଙ୍କ ନିର୍ଦ୍ଦେଶରେ ନୀଳ ପୋଖରୀରୁ ସ୍ତମ୍ଭ କାଠ ଉତ୍ତୋଳନ କରାଯାଇ ମନ୍ଦିରର ନୀତିକାନ୍ତି ସହ ପୂଜାର୍ଚ୍ଚନା କରାଯାଇଥିଲା ବେଳେ ରବିବାର ପାଟପର୍ବ ସମ୍ପନ୍ନ ହୋଇଛି । ରବିବାର ଉଦ୍‌ଯାପନୀ ଉତ୍ସବ ପାଟପର୍ବରେ ମାନକୁଣ୍ଡା ଗ୍ରାମ ସ୍ଥିତ ହାକାଣ୍ଡ ପୋଖରୀରୁ ପାଟଭକ୍ତଙ୍କ ସହିତ ଦେଉଳିଆ, ଶ୍ରୀବେକିଡି ଓ ସମସ୍ତ ଉପବୀତଧାରୀ ଭକ୍ତ ମାନେ ସାହାନାଇଁ, ଢାକ, ଢୋଲ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶିବ ଦୁର୍ଗାଙ୍କ ଚଳନ୍ତି ପ୍ରତିଭୂ ସୁସଜ୍ଜିତ ଘଟକୁ ମସ୍ତକରେ ଧାରଣ କରି ଶୈବ ନୃତ୍ୟ ପ୍ରଦର୍ଶନ କରି ମନ୍ଦିରକୁ ବିଜେ କରିଥିଲେ । ଏହି ବିରଳ ଦୃଶ୍ୟ ଦେଖିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା । ମେଳାରେ ମୁଖ୍ୟ ଆକର୍ଷଣ ଭାବେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ଆଦିବାସୀ ମହିଳା ଦଳ ମୁଣ୍ଡରେ କଳସୀ ଉପରେ କଳସୀ ରଖି ବାଦ୍ୟର ତାଳେ ତାଳେ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କ ମନମୋହି ଥିଲେ । ପାଟପର୍ବରେ ଆକର୍ଷଣୀୟ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ 'ପଞ୍ଚ ମୁଣ୍ଡିଆ', ଆଟଲାସ ପ୍ରତିକୃତି, ମାନସିକ ଭକ୍ତ ମାନଙ୍କ ଶୈବ ଦଣ୍ଡ ନୃତ୍ୟ, ବିଭିନ୍ନ ପ୍ରକାରର ବାଦ୍ୟ ଆଦି ମେଳାରେ ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା । ଏହାବ୍ୟତୀତ ୫୦ରୁ ଅଧିକ କଣ୍ଟା ପାଟୁଆ ଭକ୍ତ ନିଜ ଶରୀରରେ ସାହସ୍ରାଧିକ ଲୁହା କଣ୍ଟା ଫୋଡି ଭଗବାନ ଶିବଙ୍କଠାରେ କୃଚ୍ଛ୍ର ସାଧନା ପୂର୍ବକ ଦଣ୍ଡ ନୃତ୍ୟ ପରିବେଷଣ ଏହି ମେଳାର ମୁଖ୍ୟ ଆକର୍ଷଣ ସାଜିଥିଲା । ଭୋର ପର୍ଯ୍ୟନ୍ତ ଏହି ମେଳାରେ ଆକର୍ଷଣୀୟ ମୀନାବଜାର ଓ ବିପଣୀ ଚାଲିଥିବା ବେଳେ ଆଧୁନିକ ଧରଣର ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକ ସମେତ ପଡୋଶୀ ପଶ୍ଚିମବଙ୍ଗର ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଏହି ମେଳା ବେଶ ଆକର୍ଷଣୀୟ ହୋଇଥିଲା । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେତୁ ଲୋକଙ୍କ ତୃଷ୍ଣା ନିବାରଣ ପାଇଁ ଭୋଗରାଇ କଂଗ୍ରେସ ପକ୍ଷରୁ ମେଳାରେ ଶୀତଳ ପାଣି, ବତୁରା ବୁଟଛଲା ବଣ୍ଟନ କରାଯାଇଥିଲା । ଆଇନ ଶୃଙ୍ଖଳା ରକ୍ଷା ପାଇଁ ଭୋଗରାଇ ଥାନା ପକ୍ଷରୁ ଦୁଇ ଜଣ ଅଫିସରଙ୍କ ସହିତ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ବାବା ନୀଳରୁଦ୍ରେଶ୍ୱର ଟ୍ରଷ୍ଟ ବୋର୍ଡ ସଭାପତି ପଣ୍ଡିତ ଅମର ପଣ୍ଡା, ସମ୍ପାଦକ ତଥାଗତ ମିଶ୍ର, କୋଷାଧ୍ୟକ୍ଷ ନୀଳମଣି ମହାନ୍ତି, ସଞ୍ଜୟ ବେହେରା, ସୁଶୀଳ ପାତ୍ର, ବାଦଲ ଦ୍ୱିବେଦୀ, ଅନୀଲ ମହାନ୍ତି, ମୃତ୍ୟୁଞ୍ଜୟ ବେହେରା, ଶକ୍ତିପଦ ପାତ୍ର, ରଞ୍ଜନ ପ୍ରଧାନ, ଉଦୟ ପାତ୍ର, ଶ୍ୟାମସୁନ୍ଦର ମହାନ୍ତି, ଶୁକଦେବ ପାତ୍ର, ତରୁଣ ଗିରି, ଦେବାଶିଷ ଦ୍ୱିବେଦୀ, ଘନଶ୍ୟାମ ପାଢ଼ୀ, ମୃଣ୍ମୟ ପାଣି, ଅଜୟ ବାରିକ ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ମେଳା ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।







# ଦେଓଗାଁରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଆନନ୍ଦପୁର,୨୦।୫(ସମିସ):** ଘସିପୁରା ନିର୍ବାଚନ ମଣ୍ଡଳୀ ଦେଓଗାଁ ଠାରେ ବିଜୁ ଜନତା ଦଳ ପକ୍ଷରୁ ଦଳର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଜୁ ଜନତା ଦଳର ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରୀ ନାରାୟଣ ପାତ୍ର ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଦେଓଗାଁ ପଞ୍ଚାୟତର ଯୁବନେତା ଦେବେନ୍ଦ୍ର ଦାସ, ପ୍ରେମା ପ୍ରାଣଗ୍ରାହୀ, ବିଶ୍ୱଜିତ ଦାଶ, ରାଜୀବ ଲୋଚନ ଜେନା, କଳ୍ପନା ବଳ, ସଭ୍ୟ ରଞ୍ଜନ ବଳ, ରମାକାନ୍ତ ବଳ, ପ୍ରଦିପ ପଣ୍ଡା, ଯୋଗେନ୍ଦ୍ର ମହଳ, ଅନ୍ତରଚଣ ରାଉତ, ସୁଶାନ୍ତ ପତି, ଅରବିନ୍ଦ ପାତ୍ର, ସାଇ ପ୍ରସାଦ ମିଶ୍ର, ଭାଗିରଥି ଜେନା, ଅଶୋକ ରାଉତ, ପ୍ରସନ ଜେନା ପ୍ରମୁଖ ବିଜେଡି କାର୍ମୀ ଓ ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ।

## ଆଜି କେନ୍ଦୁଝର ଆସିବେ କାର୍ତ୍ତିକ ପାଣ୍ଡିଆନ୍

# ୪ଟି ନିର୍ବାଚନ ମଣ୍ଡଳୀରେ କରିବେ ପ୍ରଚାର

**କେନ୍ଦୁଝର/ତୁରୁମୁଙ୍ଗା,୨୦।୫(ସମିସ)**



ମଙ୍ଗଳବାର ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ କେନ୍ଦୁଝର ଗସ୍ତରେ ଆସି ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ଏହି ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମରେ ଚମ୍ପୁଆ, ପାଟଣା, ତେଲକୋଇ ଓ ଘସିପୁରା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ସେ କେନ୍ଦୁଝର ଗସ୍ତରେ ଆସି ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଜନସଭାକୁ ସମ୍ବୋଧନ କରିବେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ନବୀନ ଓଡ଼ିଶାର ବିକାଶ, ଜିଲ୍ଲାର ବିକାଶରେ ବିଜେଡିର ଅବଦାନ ସମ୍ପର୍କରେ ଅବଗତ କରିବେ। ତତ୍‌ପରେ ଶ୍ରୀ ପାଣ୍ଡିଆନ ପାଟଣା ନିର୍ବାଚନ ମଣ୍ଡଳୀ ଗସ୍ତକରି ସାହାରପଡା ହାଇସ୍କୁଲ ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ କାର୍ଯ୍ୟକ୍ରମ ସାରି ତେଲକୋଇ ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିବେ। ତେଲକୋଇରେ ଆୟୋଜିତ ଜନସଭାରେ ଯୋଗଦେଇ ବିଜେଡି ଶାସନରେ ବିକାଶର ଧାରା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ କାର୍ତ୍ତିକ ପାଣ୍ଡିଆନ୍ ଘସିପୁରା ନିର୍ବାଚନ ମଣ୍ଡଳୀର ସାଲଟୁଲାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟଯେ ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଦିନିକିଆ ଗସ୍ତରେ ଆସି କେନ୍ଦୁଝର ସଦର ଓ ଆନନ୍ଦପୁର ବିଧାନସଭା ଅଞ୍ଚଳରେରେ ଆୟୋଜିତ ବିଶାଳ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରି ଫେରିଯାଇଛନ୍ତି।

# ପ୍ରାର୍ଥୀଙ୍କର ଚାଲିଛି ଜୋରଦାର ପ୍ରଚାର

**ସୋସୋ, ୨୦।୫(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ପ୍ରଚାର ଜୋରଦାର ଚାଲିଛି। ମଇଦାନରେ ଥିବା ୫ ଦଳୀୟ ପ୍ରାର୍ଥୀଙ୍କ ସହ ୨ ସ୍ୱାଧୀନ ପ୍ରାର୍ଥୀ ନିଜ ନିଜ ତରିଖାରେ ପ୍ରଚାର ଚଳାଇଛନ୍ତି। ତେବେ ୫ ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରୁ ବିଏସ୍‌ପିରୁ ଦେବେନ୍ଦ୍ର ଜେନା ଓ ଏସ୍‌ୟୁସିଆଇର ନିଳକଣ୍ଠ ଜେନାଙ୍କୁ ଛାଡ଼ି ୩ ପ୍ରମୁଖ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କଡ଼ାକଡ଼ି ହେଉଛି। ତେବେ ୨ ସ୍ୱାଧୀନ ପ୍ରାର୍ଥୀ ଦଳୀୟ ଟିକଟ ପାଇବାକୁ ଆଶା ରଖି ନିରାଶ ହେବା ପରେ ସ୍ୱାଧୀନ ଭାବେ ଛିଡା ହୋଇଥିବାରୁ ଏବେ ସେମାନଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି। ପ୍ରାର୍ଥୀମାନେ ନିଜ ନିଜର ଚିହ୍ନ ଓ ପ୍ରତିଶ୍ରୁତିକୁ ନେଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ତା'ଛଡା ପ୍ରାର୍ଥୀମାନେ ବାଇକ୍ ରାଲି ଓ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହିତ ଗାଁ ଗଣ୍ଡାରେ ନିଜର କର୍ମୀଙ୍କୁ ବସାଇ ପ୍ରତି ଓାର୍ଡରେ କିଭଳି ଅଧିକ ଭୋଟ ଆସିବ ସେଥିପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ବିଜେଡି କର୍ମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ସେମାନଙ୍କୁ ଅଧିକରୁ ଅଧିକ ସମର୍ଥନ କିପରି ବିଜେଡିକୁ ଆସିବ ସେ ନେଇ ଜୋଶ୍‌ରେ କାମ ଆରମ୍ଭ କରିଦେଇଛନ୍ତି। ଆନନ୍ଦପୁର ଆସନରେ ଆସନ୍ତା ୨୫ ତାରିଖରେ ମତଦାନ କରାଯିବ। ତେଣୁ ଆଉ ମାତ୍ର ୩ ଦିନ ପ୍ରଚାର ରହିଲା। ତେଣୁ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ସବୁ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଦେଇଛନ୍ତି।

# ଓରିଆ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା



**ତେଲକୋଇ,୨୦।୫(ସମିସ):** ତେଲକୋଇ ବ୍ଲକ ଓରିଆ ଗ୍ରାମପଞ୍ଚାୟତ କତରା ପାଲି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଜି ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ପଞ୍ଚାୟତ ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରରୁ ବହୁ କର୍ମୀ ଯୋଗଦେଇଥିବା ବେଳେ ୧୫ରୁ ଅଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସୁରେଶ ଗଡମାଝୀ, ବିଚିତ୍ର ନାଏକ, ଆଲୋକ ସେଠୀ, ଦିଲ୍ଲୀପ ଗଡମାଝୀ, ପାଣ୍ଡବ ଗଡମାଝୀ, ତପନ ନାଏକ, ସୌଭାଗ୍ୟ ନାଏକ, ମୂଳିଆ ନାଏକ, କମଳା କାନ୍ତ ନାଏକ, ବଳରାମ ନାଏକ, ସୁରେନ୍ଦ୍ର ନାଏକ, ବାଇଧର ନାଏକ, ଆକୁଳା ଗଡମାଝୀ, ବିଶାଳ ନାଏକ ଓ କାର୍ତ୍ତିକ ନାଏକ ମୁଖ୍ୟମନ୍ତ୍ରୀଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଛାଡି ବିଜେଡିରେ ମିଶିଛନ୍ତି। ଏହାପରେ ଦଳୀୟ କର୍ମୀ ପ୍ରାକ୍ ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତି କରିବା ସହିତ ସମସ୍ତ ୱାର୍ଡରୁ କିଭଳି ଅଧିକ ଭୋଟ ଶଙ୍ଖରେ ପଡ଼ିବ ଏବଂ ଓରିଆ ପଞ୍ଚାୟତ ବ୍ଲକରେ ଭଲ ପ୍ରଦର୍ଶନ କରିବ ଏହାକୁ ନେଇ ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମୀ ସୁବାସ ବିଶ୍ୱାଳ, ଭାସ୍କର ବିଶ୍ୱାଳଙ୍କ ସମେତ କର୍ମୀ ତ୍ରିନାଥ ବିଶ୍ୱାଳ, ରମା କିଶାନ, ଜଗବନ୍ଧୁ କିସାନ, ସୋମନାଥ ମୁଣ୍ଡା, ପ୍ରଦୀପ ସାହୁ, ତୁଷାର ପ୍ରଧାନ, ପ୍ରଭାସ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଓରିଆ ପଞ୍ଚାୟତର ବିଜୁ ଜନତାଦଳ ସଂଯୋଜକ କୁନା ସାହୁ ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ।

## ● ଦିନ ତାପମାତ୍ରା ୪୦ ଡିଗ୍ରୀ

# ଅପରାହ୍ଣରେ ବର୍ଷା ଆଣିଲା ଆଶ୍ୱସ୍ତି

**କେନ୍ଦୁଝର,୨୦।୫(ସମିସ):** କେନ୍ଦୁଝରରେ ଗତ କିଛିଦିନ ହେଲା ତାତି ଅସହ୍ୟ ହେଉଥିଲା। ପ୍ରବଳ ଖରା ଓ ଗୁଳୁଗୁଳି ସାଙ୍ଗକୁ ବିଜୁଳିକାଟ ଲୋକଙ୍କ ଜୀବନଯାତ୍ରାକୁ ପ୍ରଭାବିତ କରୁଥିଲା। କିନ୍ତୁ ସୋମାବାର ଅପରାହ୍ନରେ ବର୍ଷା କାରଣରୁ ଗରମରୁ ଆଶ୍ୱସ୍ତି ମିଳିଛି। ସୋମବାର ସକାଳୁ ପ୍ରବଳ ଖରା ଅନୁଭୂତ ହେଉଥିଲା। ପରିସ୍ଥିତି ଏପରି ମଧ୍ୟାହ୍ନ ବେଳକୁ ତାପମାତ୍ରା ୪୦ ଡିଗ୍ରୀ ଛୁଇଁ ସାରିଥିଲା। ଲୋକେ ଗରମରେ ଡହଳବିକଳ ହେଉଥିଲେ। ଏଭଳି ପରିସ୍ଥିତିରେ ସୋମବାର ଅପରାହ୍ନରେ କେନ୍ଦୁଝରରେ ପବନ ସହିତ କାଳ ବୈଶାଖୀ ବର୍ଷା ଲୋକଙ୍କୁ ଗରମରୁ ଆଶ୍ୱସ୍ଥ ଦେଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ସନ୍ଧ୍ୟା ୫.୩୦ମଧ୍ୟରେ କେନ୍ଦୁଝରରେ ୨୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସନ୍ଧ୍ୟାରେ ମଧ୍ୟ ବର୍ଷା ହୋଇଛି।

# ବରିଷ୍ଠ ଶିକ୍ଷକଙ୍କ ପରଲୋକ



**ଆନନ୍ଦପୁର,୨୦।୫(ସମିସ):** ଆନନ୍ଦପୁର ପୌରପାଳିକା ଫକୀରପୁର ଗ୍ରାମର ବରିଷ୍ଠ ଶିକ୍ଷକ ବୈଷ୍ଣବ ଚରଣ ସାହୁଙ୍କର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ସ୍ନାୟୁ ଜନୀତ ରୋଗରେ ପୀଡ଼ିତ ହୋଇ କଟକ ବଡ ମେଡିକାରେ ଚିକିତ୍ସିତ ହେଉଥିଲେ। ମାତ୍ର ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ନିଜ ଫକୀରପୁରସ୍ଥିତ ବାସଭବନକୁ ଅଣାଯିବା ପରେ ବୈତରଣୀ ନଦୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଝିଅ, ଜୋଇଁ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଶିକ୍ଷକ ବୈଷ୍ଣବ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିବା ବେଳେ ୨୦୦୮ ରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଜାମପଶି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।

# ଯୋଡ଼ାକୁ ଆସିଲେନି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା

## ପ୍ରଚଣ୍ଡ ତାତିରେ ୪ ଘଣ୍ଟା ସିଝିଲେ ଲୋକେ



**ଯୋଡ଼ା,୨୦।୫(ସମିସ):** ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ସହରରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଜନତା ପାର୍ଟିର ବିଜୟ ସଂକଳ୍ପ ସମାବେଶ ଫ୍ଲପ୍‌ସୋରେ ପରିଣତ ହୋଇଛି। ଯୋଡ଼ା ସେଣ୍ଟ୍ରାଲ ପ୍ଲେଗ୍ରାଉଣ୍ଡ ଠାରେ ଆୟୋଜିତ ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ କୌଣସି କାରଣକୁ ନେଇ ତାଙ୍କର କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ତେବେ ସମାବେଶକୁ ଆସିଥିବା ଲୋକଙ୍କୁ ଅନ୍ଧାରରେ ରଖିଥିଲା ବିଜେପି ଦଳ। ବାରମ୍ବାର ମାଇକ୍ ଯୋଗେ ଉପସ୍ଥିତ ଲୋକଙ୍କୁ ମିଛ କଥା କହି ଚାଲିଥିଲେ ବିଜେପି ନେତା। କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ ଓ ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ମଞ୍ଚରେ ଅନେକ ସମୟ ଧରି ଭାଷଣ ବାଜି କରିବା ସହ ମନ୍ତ୍ରୀ ଆଉ କିଛି ସମୟ ମଧ୍ୟରେ ପହଞ୍ଚିଯିବେ ବୋଲି କହି ଚାଲିଥିଲେ। ସଭା ସମୟ ସକାଳ ୯ଟା ବୋଲି ପ୍ରଚାର କରାଯାଇଥିବା ବେଳେ ଦିନ ୨ଟା ସୁଦ୍ଧା ମନ୍ତ୍ରୀଙ୍କର ଦେଖା ମିଳି ନଥିଲା। ଖରାରୁ ରକ୍ଷା ପାଇବା ପାଇଁ ମୁଣ୍ଡ ଉପରେ ଭଲ ତମ୍ବୁଟିଏ ନଥିଲା। ଉପସ୍ଥିତ ଲୋକେ ପ୍ରଚଣ୍ଡ ଖରାରେ ଭୋକ ଶୋଷରେ ଆଉଟୁ ପାଉଟୁ ହୋଇ ବିରକ୍ତ ଭାବ ପ୍ରକାଶ କରିବା ସହ ସଭା ସ୍ଥଳ ଛାଡ଼ି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ଏହି ସଭାରେ ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେବର୍ତ୍ତା, ଚଞ୍ଚଳ ମହାକୁଡ଼, ଅଗନୁ ମହାନ୍ତ, ଆରକେ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରକାଶ ମଲ୍ଲିକ ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଅଟୋ ଦୁର୍ଘଟଣାରେ ମହିଳା ମୃତ, ୨ ଗୁରୁତର

**ରାମଚନ୍ଦ୍ରପୁର,୨୦।୫(ସମିସ):** ଅଟୋ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର। ଗାଁରେ ଶୋକାକୁଳ ପରିବେଶ। ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଛକ ଓଭରବ୍ରିଜ ନିକଟରେ ଆଜି ଦିନ ୧୧ଟା ସମୟରେ ଭାରସାମ୍ୟ ହରାଇ ଏକ ଅଟୋ ରାସ୍ତା ତଳକୁ ଖସି ପଡିବାରୁ ଜଣେ ବୃଦ୍ଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇ ସ୍ଥାନୀୟ ସାଇଁକୁଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରାମଚନ୍ଦ୍ରପୁର ଥାନା ପଞ୍ଚରା ଗାଁର ରାଇଲା ବିବି ତାଙ୍କ ଝିଅ ଓ ନାତୁଣୀକୁ ଧରି ଯାଜପୁର ଜିଲ୍ଲା ତରାକୁଟିରୁ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଅଟୋଟି ରାସ୍ତା ତଳକୁ ପାଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା ରାଇଲା ବିବିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ଓ ନାତୁଣୀ ଗୁରୁତର ହୋଇ ହୋଇ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡିଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର



**କେନ୍ଦୁଝର,୨୦।୫(ସମିସ):** କେନ୍ଦୁଝର କଲେଜରୋଡ ମା' ତାରିଣୀ ୱର୍କର୍ସ କ୍ଲବ ତରଫରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ତଥା ବରିଷ୍ଠ ଡାକ୍ତର ପିସି ଦାସଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁମେହ, ୟୁରିକ୍ ଏସିଡ୍, କିଡ୍‌ନୀ, ରକ୍ତହୀନତା, ବୋନଟେଷ୍ଟ ଆଦି କରାଯାଇଥିଲା। ବିଭିନ୍ନ ଔଷଧ କମ୍ପାନୀର ସହଯୋଗରେ ଟେକ୍ନିସିଆନ୍ ବାମନ ସାମଲ, ଶଶୀକାନ୍ତ ଦାସ, ସଂଜୟ ଦାସ, ମଧୁସୂଦନ ମଣ୍ଡଳ ଏବଂ ଅନିଲ ଦାସ ପ୍ରମୁଖ ରୋଗ ନିରୂପଣ କରିଥିଲେ। ଡାକ୍ତର ପିସି ଦାସ ପରୀକ୍ଷା ରିପୋର୍ଟ ଅନୁଧ୍ୟାନ ପରେ ଔଷଧ ଚିଠା ଓ ପରାମର୍ଶ ଦେଇଥିଲେ। ଉପସ୍ଥିତ ଔଷଧ କମ୍ପାନୀର କର୍ମଚାରୀମାନେ ରୋଗୀମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଥିଲେ। କ୍ଲବର ସଂପାଦକ ଅଧ୍ୟାପକ ବିଦ୍ୟାଧର ଚୌଧୁରୀ, ପ୍ରଶାନ୍ତ କୁମାର ସ୍ୱାଇଁ, ଜିତୁ ଦାସ, ଭାଗିରଥି ହେମ୍ବ୍ରମ, ଆର୍ତ୍ତ ରାଉତ, ରାମଚନ୍ଦ୍ର ତ୍ରିପାଠୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦୁଆ ଗାଁରେ ନାମ ସଂକୀର୍ତ୍ତନ ଉଦ୍‌ଯାପିତ

**ଚମ୍ପୁଆ,୨୦।୫(ସମିସ):** ଚମ୍ପୁଆ ନିକଟବର୍ତ୍ତୀ ଝରୁଆଁ ବ୍ଲକ ଅର୍ନ୍ତଗତ କେନ୍ଦୁଆ ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମ ସଂକୀର୍ତ୍ତନ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗତ ଗୁରୁବାର ଠାରୁ ଗାଁରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଅଧିବାସ କଳସ ସ୍ଥାପନ ପରେ ରାଧାକୃଷ୍ଣ ବିଗ୍ରହଙ୍କ ପାଖରେ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ହିମାଂଶୁ ନାଏକ କର୍ତ୍ତା ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ବୃଷବ ଚନ୍ଦ୍ର ନାଏକ ଓ ଦୁର୍ଯ୍ୟୋଧନ ନାଏକ ପୂଜାକାର୍ଯ୍ୟ ସମ୍ପାଦାନ କରିଥିଲେ। ଶେଷରେ ଠାକୁରଙ୍କୁ ଗାଁ ପରିକ୍ରମା ପରେ ଭୋଗଲାଗି ଓ ବିସର୍ଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଏହି ତିନି ଦିନରେ ଦେଖିବାକୁ ମିଳିଥିଲା। ଗ୍ରାମର ସୁରେନ୍ଦ୍ର ନାଏକ, ଗନ୍ଧର୍ବ ନାଏକ, ଦାଶରଥି ନାଏକ, ସୁରେନ୍ଦ୍ର ନାଥ ନାଏକ, ହରିଶ୍ଚନ୍ଦ୍ର ନାଏକ, କୃଷ୍ଣ ଥାଇସାମ, ଲତା ନାଏକ, ଫକୀର ମୋହନ ନାଏକ, ମୋହିନୀ ନାଏକ, ସ୍ୱରୁପ ନାଏକ ଏବଂ ଉତ୍ତମ ନାଏକ ପ୍ରମୁଖ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ

# କୀଟନାଶକ ଖାଇ ଆତ୍ମହତ୍ୟା କଲେ ଚାଷୀ

**ତୁରୁମୁଙ୍ଗା,୨୦।୫(ସମିସ):** ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ ସହି ନ ପାରି ଜଣେ ଚାଷୀ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ରାମ ମୁଣ୍ଡା (୫୦)ରଣ ଶୁଝି ନପାରି ଶନିବାର କୀଟନାଶକ ପିଇ ଗୁରୁତର ହୋଇ ପାଟଣା ଓ ପରେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ। ଶନିବାର ରାତ୍ରୀରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ରାମ ମୁଣ୍ଡା ଙ୍କ ସ୍ତ୍ରୀ ରୁକ୍ମଣୀଙ୍କ ଅଭିଯୋଗ ଅନୁସାରେ କେତେକ ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ରାମ ଅଢେଇ ଲକ୍ଷ ଟଙ୍କା ରଣ କରି ଚାଷ କରିଥିଲେ। ହେଲେ ଧାନ ଚାଷ ଉଜୁଡ଼ି ଯିବାରୁ ସେ ଚିନ୍ତାରେ ପଡ଼ିଥିଲେ। ପ୍ରତିମାସ ଅର୍ଥ ଲଗାଣ ସଂସ୍ଥାର କର୍ମଚାରୀମାନେ ଘରକୁ କିସ୍ତି ଟଙ୍କା ପାଇଁ ଆସୁଥିଲେ ହେଁ କିସ୍ତି ଟଙ୍କା ଦେଇ ନପାରିବାରୁ ଜୁଲମ କରିଥିଲେ କର୍ମଚାରୀ। ଶେଷରେ ରାମ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ରବିବାର କେନ୍ଦୁଝରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୋମବାର ବିଜେଡିର ବରିଷ୍ଠ ନେତା ରାହାସ ବିହାରୀ ପୃଷ୍ଟି, ସ୍ଥାନୀୟ ସମିତିସଭ୍ୟ ବିଜୟ ପଇଡା, ସରପଞ୍ଚ ଅନିତା କୁସୁମୂଳିଆ ମୃତ ରାମଙ୍କ ଘରେ ପହଞ୍ଚି ରୁକ୍ମଣୀଙ୍କୁ ଶୁଦ୍ଧିକ୍ରିୟା ପାଇଁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ବେଳେ ବିଜେପିର ପାଟଣା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପହଞ୍ଚି ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ପାଟଣା ବ୍ଲକରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଲୋକଙ୍କ ମନ ଜିଣୁଛି 'ରେଡିଓ ଜୁହାର'

**କେନ୍ଦୁଝର,୨୦।୫(ସମିସ):** କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ପ୍ରସାରିତ ରେଡିଓ ଜୁହାର ୯୦.୦ ଏଫ୍‌ଏମ୍‌କୁ ପୂରିଲା ଏକ ବର୍ଷ। ଗତ ବର୍ଷ ଠିକ୍ ଆଜିର ଦିନରେ ସଦର ବ୍ଲକ ରଘୁନାଥପୁର ଗ୍ରାମପଞ୍ଚାୟତର ଖମଣଗୋଡାସାହି ସ୍ଥିତ ପ୍ରୟାସ ସେବା ଗ୍ରାମ ଠାରେ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିଦିନଠାରୁ ଅନେକ ଘାତ ପ୍ରତିଘାତକୁ ଅତିକ୍ରମ କରି ରେଡିଓ ଜୁହାର ପଦାର୍ପଣ କରିଛି ତାର ପ୍ରଥମ ସ୍ୱନକ୍ଷତ୍ର ଦିବସରେ। ଆରମ୍ଭରୁ ପ୍ରଥମ ପର୍ଯ୍ୟାୟରେ ଏହାର ପ୍ରସାରଣ ସକାଳେ ୨ ଘଣ୍ଟା ଏବଂ ସନ୍ଧ୍ୟାରେ ୨ଘଣ୍ଟା ଚାଲିଥିବା ବେଳେ ବର୍ତ୍ତମାନ ଏହା ଆସି ୧୦ଘଣ୍ଟାରେ ପହଞ୍ଚି ସାରିଛି। ଏକ ବର୍ଷ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯକ୍ରମ ଯଥା - ଆମ ଗାଁ ଭାଗବତ ଟୁଙ୍ଗୀ, ଲୋକଗୀତ, ଝୁମର, ମାଣବସା ଗୁରୁବାର ଗୀତ, ରଜଦୋଳି ଗୀତ, ଖୁଦୁରୁକୁଣୀ ଗୀତ ଆଦି ପ୍ରସାରିତ ହୋଇ ଆସୁଛି। ଏତଦ୍ ବ୍ୟତୀତ ପ୍ରତ୍ୟେକ ସୋମବାର ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କ ପାଇଁ ରେଡିଓ ଜୁହାରର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମୁଁ ବି ସମର୍ଥ', ମଙ୍ଗଳବାର ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସୁରଭି', ବୁଧବାର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନଙ୍କୁ ନେଇ 'ଆମ କୁଣିଆଁ', ଗୁରୁବାର ଯୁବପିଢ଼ିଙ୍କ ପାଇଁ 'ଯୁବକଥା', ଶୁକ୍ରବାର ନାରୀମାନଙ୍କ ପାଇଁ 'ଅପରାଜିତା' ଶନିବାର ବିଶିଷ୍ଟ କବି ଓ ଗାଳ୍ପିକମାନଙ୍କ ଦ୍ୱାରା ସ୍ୱରଚିତ କବିତା ଓ ଗଳ୍ପ ସଙ୍କଳନକୁ ନେଇ 'ଗପ ଓ କବିତା ପସରା' ଓ ରବିବାର କୁନି କୁନି ପିଲା ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଜହ୍ନ ମାମୁଁ' ପ୍ରସାରିକ ହେଉଛି। ଏସବୁ କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ଦିନ ସୂଚନା ଓ ଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ 'ଜ୍ଞାନ ହିଁ ବଳ' ପ୍ରସାରିତ ହେଉଛି। କେନ୍ଦୁଝର ବନ ବିଭାଗ ତଥା ଆଞ୍ଚଳିକ ଗବେଷଣା କେନ୍ଦ୍ର ଦ୍ୱାରା ଜନହିତରେ ଜାରି ହେଉଥିବା କାର୍ଯ୍ୟକ୍ରମ 'ହାତୀ ସମ୍ପର୍କିତ ସୂଚନା' ଓ 'ଚାଷ ସମ୍ପର୍କିତ ପାଣିପାଗ ସୂଚନା' ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିପାରିଛି।




# ଆନନ୍ଦପୁରରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଆନନ୍ଦପୁର,୨୦।୫(ସମିସ):** ଆନନ୍ଦପୁର ବଡଦାଣ୍ଡରେ କଂଗ୍ରେସର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ମିଶ୍ର କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଆଶିଷ ପଟ୍ଟନାୟକଙ୍କ ଉଦ୍ୟମରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନରେ ଜୟଦେବ ଜେନା ବିପୁଳ ଭୋଟରେ ବିଜୟୀ ଲାଭ କରିବେ ଏବଂ ବିକଶିତ ଆନନ୍ଦପୁର ଗଠନ ହେବ ବୋଲି ଉପସ୍ଥିତ କର୍ମୀ ମାନେ ନାରାବାଜି କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ନିକୁଞ୍ଜ ବିହାରୀ ମିଶ୍ର, ପିସିସି ସଦସ୍ୟ ଶ୍ରୀଧର ଦଳେଇ, ରାଜ୍ୟ ଏସସି ସେଲ ଉପସଭାପତି ସୁରେଶ ଜେନା, ବରିଷ୍ଠ କଂଗ୍ରେସ ନେତା ଅକ୍ଷୟ ମହାନ୍ତି, ନିରଞ୍ଜନ ମିଶ୍ର, ସମାଜସେବୀ ରବିନାରାୟଣ ହୋତା, ବଳଭଦ୍ର ରାମ, ନାରାୟଣ ଦାଶ, ଜିତୁନ ବେହେରା, ଜୟକୃଷ୍ଣ ରାମ, ପ୍ରଦୀପ ହଜାରୀ, ବାବୁଲା ରାଉଳ, ମୁଟୁ ରାମ, ଟୁମା ରାମ, ତାପସ ଚାନ୍ଦ, ଟୁକୁନା ଜେନା, ସୁବ୍ରମନ୍ୟୁ ଦଳେଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



## ଅସହ୍ୟ ହେଉଛି ବିଦ୍ୟୁତ୍ କାଟ୍ ଓ ଲୋ ଭୋଲଟେଜ୍ ସମସ୍ୟା

# ପ୍ରଚଣ୍ଡ ତାତିରେ ଅଞ୍ଚଳବାସୀ ହନ୍ତସନ୍ତ

**ଆନନ୍ଦପୁର,୨୦।୫(ସମିସ)**

ଆନନ୍ଦପୁର ଅଞ୍ଚଳରେ ଦିନକୁ ଦିନ ବିଜୁଳି କଷ୍ଟ ଚିନ୍ତା ବଢାଇ ଦେଲାଣି। ସମଗ୍ର ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ପ୍ରତିଦିନ ବାରମ୍ବାର ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁ ଅଞ୍ଚଳବାସୀ ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି। ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇ ତାତି ଅସହ୍ୟ ହୋଇପଡିଥିବାରୁ ଅଘୋଷିତ ବିଦ୍ୟୁତ କାଟ ଅଞ୍ଚଳବାସୀଙ୍କ ଜୀବନଯାତ୍ରାକୁ ବେଶ୍ ପ୍ରଭାବିତ କରିଛି। ଆନନ୍ଦପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ କାଟ ଏକ ନୀତିଦିନିଆ ଘଟଣାରେ ପରିଣତ ହେଲାଣି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଘରେ ରହିବାକୁ ସୁରକ୍ଷିତ ମଣୁଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ଲୋକମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ରାତ୍ରି ସମୟରେ ଲୋ -ଭୋଲଟେଜ ଯୋଗୁ ଫ୍ୟାନ ଗୁଡିକ ମନ୍ଥର ଗତିରେ ଚାଲୁଥିବା ବେଳେ ଅନେକ ଏସି ମେସିନ ଲୋ-ଭୋଲଟେଜ ଯୋଗୁଁ ଅଚଳ ହୋଇପଡୁଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଲୋ-ଭୋଲଟେଜ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ତେବେ ବିଭାଗୀୟ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଅଞ୍ଚଳବାସୀ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ଘରୋଇକରଣ ବିଦ୍ୟୁତ ଆବଣ୍ଟନ ଓ ଯୋଗାଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଦିଗରେ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



# କେନାଲ ରାସ୍ତା କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ



**ସୋସୋ, ୨୦।୫(ସମିସ):** ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତର ବାଲିବରେଇ ସଂସ୍କୃତ ଟୋଲଠାରୁ ଭଦ୍ରକ କେନାଲ ପର୍ଯ୍ୟନ୍ତ ରାସ୍ତା କାମ ଅଧାରେ ଅଟକିଛି। ନିର୍ଦ୍ଧାରିତ ସମୟ ସରିବାକୁ ବସିଥିବା ବେଳେ ରାସ୍ତାଟିର କାର୍ଯ୍ୟ ଅଧପାନ୍ତରିଆ ଭାବେ ପଡିରହିଥିବାରୁ ଯାତାୟାତରେ ବିପଦ ସୃଷ୍ଟି କରୁଥିବା ବେଳେ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି। ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱର୍ରେ ବାଲିବରେଇ ଗ୍ରାମବାସୀ ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଉକ୍ତ ରାସ୍ତାଟି ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ପ୍ରଶାସନ ଉକ୍ତ ରାସ୍ତାକୁ ନିର୍ମାଣ ପାଇଁ ଡିଏମ୍‌ଏଫ୍ ଅନୁଦାନରୁ ଅନୁଦାନ ଯୋଗାଇ ଦେଇଥିଲେ। ଏହାକୁ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏକ ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ବି ରାସ୍ତାଟି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ଯାହାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା କୁହାଯାଉଛି। କାର୍ଯ୍ୟର ସୂଚନା ଫଳକରେ କାର୍ଯ୍ୟର ଅଟକଳ ମୂଲ୍ୟ ଓ ନିର୍ଦ୍ଧାରିତ ଆରମ୍ଭ ଓ ଶେଷ ଲେଖା ନଥିବା ବିଭାଗଙ୍କ କର୍ତ୍ତୃପକ୍ଷଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାର୍ଯ୍ୟର ନିର୍ଦ୍ଧାରିତ ସମୟ ସରିବାକୁ ବସିଥିବା ବେଳେ ବହୁ କାମ ବାକି ରହିଛି। ବିଭାଗ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି। ଏହାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଠିକାଦାର କାର୍ଯ୍ୟ କରିବାରେ ବିଳମ୍ବ କରିଛି, ଖୁବଶିଘ୍ର ସାରିବେ ବୋଲି କହିଥିଲେ।

